# ଆମ ସହର

ବୁଧବାର, ୧୨ ସେପ୍ଟେମ୍ବର, ୨୦୧୮

# ବନ୍ଦର ନଗରୀ

# ପାରାଦୀପ



ବିଶ୍ୱରେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ଅନ୍ୟତମ ସ୍ଥାନ ହେଉଛି ପାରାଦୀପ। ୫୬ ବର୍ଷର ଇତିହାସ ବହନ କରୁଥିଲେ ମଧ୍ୟ ଏହାର ନାଁ କିପରି ଓ କାହିଁକି ପାରାଦୀପ ହୋଇଛି ତାହା ସ୍ପଷ୍ଟ ହୋଇପାରିନାହିଁ। ଏହାକୁ ନେଇ ନାନା କଥା ଶୁଣିବାକୁ ମିଳେ। କପିଳ ମୂନିଙ୍କ ସ୍ୱଦ୍ଧଲିପିରୁ ଜଣାଯାଏ ଯେ ପାରାଦୀପଗଡ଼ରୁ ହିଁ ପାରଦୀପ ନାମ ହୋଇଛି। ବାବା ବଳିଆଙ୍କ ମତରେ ପରାଶର କ୍ଷେତ୍ରରୁ ପାରାଦୀପ ହୋଇଛି। କୁଜଙ୍ଗ ଅଞ୍ଚଳର କୈବର୍ତ୍ତ ସମ୍ପ୍ରଦାୟଙ୍କ ଉପରେ ଗ୍ରନ୍ଥ ଲେଖିଥିବା ଡ. ସତ୍ୟାନନ୍ଦ ପଣ୍ଡାଙ୍କ ଲିଖିତ ପୁସ୍ତକ 'ପାରାଦୀପ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ'ରୁ ଜଣାଯାଏ ପାରାଙ୍କ ଢିପରୁ ପାରାଦୀପ ନାଁ ହୋଇଛି। ବନ୍ଦର ପ୍ରତିଷ୍ଠା ପୂର୍ବରୁ ସେହି ସ୍ଥାନ ଘଞ୍ଚ ଜଙ୍ଗଲ ଥିଲା। ସମୁଦ୍ର ବେଳାଭୂମି ଓ ଘଞ୍ଚ ଜଙ୍ଗଲ ମଝିରେ ଏକ ବାଲିର କୁଦ ଥିଲା। ସେହି କୁଦକୁ କୈବର୍ତ୍ତମାନେ ଢିପ ବୋଲି କୁହନ୍ତି। ସେହି ଢିପରେ ବହୁ ସଂଖ୍ୟାରେ ପାରା ଉଡିଆସି ବସୁଥିଲେ। ତେଣୁ ତାହାକୁ ପାରାଙ୍କ ଢିପ ବୋଲି କୁହାଯାଉଥିଲା। ସେହି ଅନୁଯାୟୀ ପାରାଢିପରୁ ପାରାଦୀପ ହୋଇଛି। ପ୍ରାଚୀନ ନୌବାଣିଜ୍ୟ ସମୟରେ ସେହି ଢିପରେ ବୋଇତ ରଖି ଇଂରେଜ ନାବିକମାନେ ବିଶ୍ରାମ ନେଉଥିଲେ। ଓଡ଼ିଶାର କୈବର୍ତ୍ତମାନଙ୍କଠାରୁ ଶୁଣି ଉକ୍ତ ସ୍ଥାନକୁ ସେମାନେ ମଧ୍ୟ ପାରାଢିପ କହୁଥିଲେ। ଅନ୍ୟପକ୍ଷରେ ପାରାଦୀପଗଡ଼ ନାମାନୁସାରେ ଉକ୍ତ ସ୍ଥାନର ନାମ ପାରାଦୀପ ହୋଇଛି ବୋଲି କୁଜଙ୍ଗ ଅଞ୍ଚଳର ଗାନ୍ଧୀ କୁହାଯାଉଥିବା ସ୍ୱର୍ଗତ ବୀରବର ସାମନ୍ତଙ୍କ ଜୀବନୀ ଲିପିରୁ ଜଣାଯାଏ। ପାରାଦୀପ ବନ୍ଦର ସ୍ଥାପନ ବେଳେ ରାଜଜେମା ରତ୍ନମାଳୀ ସ୍ୱାଧୀନ ଭାରତର ପ୍ରଥମ ବିଧାୟିକା ଥିଲେ। ବନ୍ଦର ଉଦ୍‌ଘାଟନ ସଭାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ସେ ମଧ୍ୟ ଉପସ୍ଥିତ ଥିଲେ। ସମୟକ୍ରମେ ପାରାଦୀପର ବିକାଶ ଘଟିଛି। ବନ୍ଦରକୁ ଭିତ୍ତି କରି ଏଠାରେ ଜନବସତି ଗଢି ଉଠିବା ସହ ଏବେ ଏହା ସହରରେ ପରିଣତ ହୋଇଛି। ଏଠାରେ ଦ୍ୱୈତ ଶାସନ ବ୍ୟବସ୍ଥା ଅର୍ଥାତ୍ ବନ୍ଦର ପ୍ରଶାସନ ଓ ପୌର ପ୍ରଶାସନର ବିଧି ବ୍ୟବସ୍ଥାରେ ଶାସନ ଚାଲିଛି। ଉଭୟ ପ୍ରଶାସନ ପକ୍ଷରୁ ମିଳିତ ଭାବେ ପାରାଦୀପବାସୀଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି।

■ ଯଜ୍ଞ ରାଉତ, ବୁଦ୍ଧିଜୀବୀ

## ଭୌଗୋଳିକ ସ୍ଥିତି

ଓଡ଼ିଶାର ପୂର୍ବ ଉପକୂଳରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକର ସମୁଦ୍ର କୂଳରେ ରହିଛି ଏହି ସହର। ସହରର ଗୋଟିଏ ପାର୍ଶ୍ୱରେ ବଙ୍ଗୋପସାଗର ଥିବାବେଳେ ଅନ୍ୟ ୩ ପାର୍ଶ୍ୱରେ ଶିଳ୍ପ ଗଢ଼ିଉଠିଛି। କଲିକତା ବନ୍ଦରଠାରୁ ୨୧୦ ନଟିକାଲ ମାଇଲ (୩୭୮ କିମି) ଓ ବିଶାଖାପାଟଣାଠାରୁ ୨୬୦ ନଟିକାଲ ମାଇଲ୍ (୪୬୮କି.ମି.) ମଧ୍ୟରେ ଏହି ବନ୍ଦର ସହର ଅବସ୍ଥିତ। ଏହା ୨୦. ୧୫, ୫୫.୪୪ ଏନ (ଉତ୍ତର ଅକ୍ଷାଂଶ), ୮୬.୪୦, ୩୪. ୬୨ ଇ (ପୂର୍ବ ଦ୍ରାଘିମା) ମଧ୍ୟରେ ରହିଛି। ପାରାଦୀପର ଦକ୍ଷିଣରେ ଜଟାଧାର ଓ ଉତ୍ତରରେ ମହାନଦୀ ମୁହାଣ ଅବସ୍ଥିତ। ସହରର ଚତୁଃପାର୍ଶ୍ୱରେ ମୋଟ୍ ୨୨୯୯୫ ଏକର ବିଶିଷ୍ଟ ୫୬ଟି କ୍ଷୁଦ୍ର ଓ ବୃହତ୍ ନଦୀନାଳ ଘେରି ରହିଛି।



## ରାଜଧାନୀଠାରୁ ଦୂରତା



ପାରାଦୀପରୁ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଦୂରତା ୧୨୦ କି.ମି ଓ କଟକ ୯୪ କି.ମି ଦୂର। ବସ୍ ଓ ଟ୍ରେନ୍ ମାଧ୍ୟମରେ ଭୁବନେଶ୍ୱରରୁ କଟକ ଦେଇ ପାରାଦୀପ ଯିବାକୁ ହୋଇଥାଏ। ଚଣ୍ଡିଖୋଲରୁ ପାରାଦୀପକୁ ୫ନଂ(କ) ଜାତୀୟ ରାଜପଥ ଓ କଟକରୁ ରାଜ୍ୟ ରାଜପଥ ନଂ.୧୨ ସଂଯୋଗ ହୋଇଛି। ୫ନଂ.(କ) ଜାତୀୟ ରାଜପଥରେ ଯାତ୍ରୀବାହୀ ଗାଡ଼ି ସହ ବହୁ ପଣ୍ୟବାହୀ ଗାଡି ଚଳାଚଳ କରୁଛି। ଦୈନିକ ୭ରୁ ୮ହଜାର ଟ୍ରକ୍ ପାରାଦୀପ ବନ୍ଦରକୁ ଯାତାୟାତ କରିଥାଏ। ରାଜ୍ୟ ରାଜପଥ ୨ ଲେନ୍ ବିଶିଷ୍ଟ ହୋଇଥିବା ବେଳେ ଜାତୀୟ ରାଜପଥ ୪ଲେନ୍ ବିଶିଷ୍ଟ। ଦୁଇ ରାଜପଥ ପାରାଦୀପର ଜିରୋ ପଏଣ୍ଟଠାରେ ମିଶିଛି, ଯାହାକୁ ଦୋଛକି କୁହାଯାଉଛି। ସେହିପରି ରେଳପଥରେ କଟକ ଷ୍ଟେଶନରୁ ପାରାଦୀପ ରେଳ ଷ୍ଟେଶନ (ରଙ୍ଗିଆଗଡ଼) କୁ ଯାଇହେବ, ଯାହାର ଦୂରତା ୮୮ କିମି ରହିଛି। ପାରାଦୀପରେ ଯଦିଓ ବିମାନ ବନ୍ଦର ନାହିଁ, ତେବେ ହେଲିକପ୍ଟର ଯୋଗେ ଯିବା ପାଇଁ ନେହେରୁ ବଙ୍ଗଳାଠାରେ ସ୍ୱତନ୍ତ୍ର ହେଲିପ୍ୟାଡ୍ ନିର୍ମାଣ କରାଯାଇଛି।

## ଜନସଂଖ୍ୟା/ଭୋଟର



୨୦୧୧ ଜନଗଣନା ଅନୁସାରେ ପୌରାଞ୍ଚଳର ଜନସଂଖ୍ୟା ୬୮୩୧୦। ସେମାନଙ୍କ ମଧ୍ୟରେ ମହିଳା ୩୧,୧୬୪ ଓ ପୁରୁଷ ୩୭,୧୪୬ ଅଛନ୍ତି। ୨୦୧୦ ଗୃହ ଗଣନା ଅନୁସାରେ ଏଠାରେ ଘରସଂଖ୍ୟା ଥିଲା ୧୭୩୮୧। ୨୦୧୪ ସାଧାରଣ ନିର୍ବାଚନବେଳେ ଏଠାରେ ଭୋଟର ସଂଖ୍ୟା ଥିଲା ୩୬୫୯୦। ୨୦୧୫ ପୌର ନିର୍ବାଚନ ଭୋଟର ତାଲିକା ଅନୁସାରେ ପାରାଦୀପରେ ୩୭୨୬୭ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ୧୫୦୩୮, ପୁରୁଷ ୨୨୨୨୫ ଥିବାବେଳେ ଅନ୍ୟାନ୍ୟ ୪ ଅଛନ୍ତି।

## ସହର ରାସ୍ତା

ସହର ମଧ୍ୟରେ ବନ୍ଦର ପ୍ରଶାସନ ପକ୍ଷରୁ ସବୁ କଲୋନୀକୁ ରାସ୍ତା କରାଯାଇଛି। ମୋଟ୍ ୩୨.୪କିମି ରାସ୍ତା ସବୁ କଲୋନୀ ବଜାରକୁ ସଂଯୋଗ ହୋଇଛି। ଦୋଛକଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ୪.୫ କିମି ରାସ୍ତା, ଅଠରବାଙ୍କୀରୁ ନେହେରୁ ବଙ୍ଗଳା ୮ କିମି ରାସ୍ତା କାଉଡିଆ ନଦୀ କୂଳେ ଯାଇଛି। ଅଠରବାଙ୍କୀ ଛକ ଡାହାଣ ପଟ ଓଭର ବ୍ରିଜ ରାସ୍ତା ସହରକୁ ମୁଖ୍ୟ ପ୍ରବେଶପଥ। ଥାନା ଛକ ପାଖରେ ବସଷ୍ଟାଣ୍ଡ ରହିଛି।

## କଲୋନୀ/ବସ୍ତି

ପାରାଦୀପରେ ମଧୁବନ, ନୂଆବଜାର, ଅଠରବାଙ୍କୀ, ନେହେରୁ ବଙ୍ଗଳା, ବିଜୟଚନ୍ଦ୍ରପୁର, ବ୍ୟାଙ୍କ୍ ଲେନ୍, ସ୍କୁଲ ଲେନ୍, ଜଗନ୍ନାଥ ମନ୍ଦିର ଲେନ୍ ସମେତ ଶତାଧିକ କଲୋନୀ ରହିଛି। ଏହାବାଦ୍ ୨୫ରୁ ଊର୍ଦ୍ଧ୍ୱ ବସ୍ତି ରହିଛି। ସମୟକ୍ରମେ ଏହି ସଂଖ୍ୟା ବଢି ବଢି ଚାଲିଛି।

## ଥାନା/ଫାଣ୍ଡି



ପାରାଦୀପରେ ପାରାଦୀପ ଥାନା, ଲକ୍ ଥାନା, ଅଭୟଚାନ୍ଦପୁର ଥାନା, ପାରାଦୀପ ସାମୁଦ୍ରିକ ଥାନା, ଜଟାଧାର ମୁହାଣ ସାମୁଦ୍ରିକ ଥାନା ଆଦି ୫ଟି ଥାନା ରହିଛି। ଏଥିସହ ଘନଗଳିଆ ଓ ପିପିଏଲ ଫାଣ୍ଡି ରହିଛି।

## କଲ୍ୟାଣମଣ୍ଡପ

ପାରାଦୀପରେ ୨ଟି କଲ୍ୟାଣମଣ୍ଡପ ଅଛି। ସେଥିମଧ୍ୟରୁ ଗୋଟିଏ ନୂଆବଜାର ଚିତ୍ତବିନୋଦନ କେନ୍ଦ୍ର ପାଖରେ ବନ୍ଦର ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ବେଳେ ଅନ୍ୟଟି ମଧୁବନ ଜଗନ୍ନାଥ ମନ୍ଦିର ନିକଟରେ ପୌର ପ୍ରଶାସନ ପକ୍ଷରୁ ନିର୍ମାଣ ହୋଇଛି। ଏବେ ପୌର କଲ୍ୟାଣମଣ୍ଡପ ଘର ଉପରେ ଆଉ ଏକ ମଣ୍ଡପ ନିର୍ମାଣ ହେଉଛି।

## ସିନେମା ହଲ୍

ପାରାଦୀପରେ ପୂର୍ବରୁ ୨ଟି ସିନେମା ହଲ୍ ଥିଲା। ସେଥିମଧ୍ୟରୁ ଗୋଟିଏ ହେଲା ବନ୍ଦର ପ୍ରଶାସନ ଦ୍ୱାରା ନିର୍ମିତ ଜୟଦେବ ସଦନ ଓ ଅନ୍ୟଟି ହେଲା କମଳା ସିନେମା ହଲ। ଏବେ ଜୟଦେବ ସଦନରେ ସିନେମା ଚାଲୁନାହିଁ। ତାହାକୁ ନବୀକରଣ କରାଯାଇ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ସମିତି କରାଯାଉଛି।

## ମନ୍ଦିର/ପୂଜାପାର୍ବଣ

ସହର ଉପକଣ୍ଠରେ ପ୍ରାଚୀନ ଧାମ ଉଦୟବଟ, ଲୋକନାଥ ମନ୍ଦିର, ପାରେଶ୍ୱର, ଶନିଶ୍ଚର, କାଳୀ, ସିଦ୍ଧେଶ୍ୱର ମନ୍ଦିର ଅଛି। ସହର ଭିତରେ ଜଗନ୍ନାଥ ମନ୍ଦିର, ଶାରଳା ମନ୍ଦିର, ହନୁମାନ ମନ୍ଦିର, ଶିବ ମନ୍ଦିର, ସତ୍ୟସାଇ, ଅନୁକୂଳଚନ୍ଦ୍ର, ମାଉସୀ ମା' ମନ୍ଦିର ଆଦି ରହିଛି। ରଥଯାତ୍ରା, କାର୍ତ୍ତିକ ପୂର୍ଣ୍ଣିମା, ଶିବରାତ୍ରରେ ମନ୍ଦିରଗୁଡିକରେ ଭିଡ ହୁଏ। ପ୍ରତିବର୍ଷ ସେପ୍ଟେମ୍ବର ମାସରେ ହେଉଥିବା ବିଶ୍ୱକର୍ମା ପୂଜାକୁ ଏଠାରେ ଗଣପର୍ବ ଭାବେ ପାଳନ କରାଯାଏ। ଅନ୍ୟ ପୂଜାପାର୍ବଣ ଭିତରେ କଳିଙ୍ଗ ବାଲିଯାତ୍ରା ପ୍ରମୁଖ ଆକର୍ଷଣ ସାଜିଥାଏ।

## ନଦୀ

ପାରାଦୀପର ଦକ୍ଷିଣରେ ଜଟାଧାର ନଦୀ ଓ ଉତ୍ତରରେ ମହାନଦୀ ପ୍ରବାହିତ। ଏହାବାଦ୍ ଏଠାରେ ଅନେକ ଛୋଟ ନଦୀ ରହିଛି। ସେଗୁଡିକ ମଧ୍ୟରେ କପିଳଜୋର, ବଟନଦୀ, ତେଲିଆ ନଦୀ, କଂସାରୀ ପାଟିଆ ମସ୍ୟଡିଆ, କାଉଡିଆ, ମଝିଆ, ଷଣ୍ଢକୁଦ, ଅଠରବାଙ୍କୀ, ସନ୍ତରା ଆଦି ନଦୀ ଅନ୍ୟତମ।

## ଡମ୍ପିଂୟାର୍ଡ

ପାରାଦୀପର ମଧୁବନ କଂସାରୀ ପାଟିଆ ମସ୍ୟଡିଆ ନଦୀ ନିକଟ ଭୀମଭୋଇ କଲୋନୀ ପାଖରେ ପୌରାପାଳିକା ଡମ୍ପିୟାର୍ଡ କରିଛି। ଏଥିସହ ସହର ଓ ଶିଳ୍ପ ଉଦ୍‌ବୃତ୍ତ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟର ପ୍ରଥମ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଏବେ ଭିତରଗଡ଼ ମୌଜାର ରଙ୍ଗିଆଗଡ଼ ଚାନ୍ଦିନୀଠାରେ ନିର୍ମାଣାଧୀନ ଅଛି। ସେହିପରି ସହରାଞ୍ଚଳରେ ଜଳସଂରକ୍ଷଣ ପାଇଁ ପାରାଦୀପ ପୋର୍ଟ ଏବେ ଦୁଇଟି ବିଶାଳ ଏସଟିପି ( ସ୍ୱିଭ୍‌ୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ନିର୍ମାଣ କରିଛି। ଏହାଦ୍ୱାରା ଡ୍ରେନରୁ ନଦୀକୁ ଯାଉଥିବା ଅଶୋଧିତ ପାଣିକୁ ସଂରକ୍ଷଣ କରାଯାଇ ଶୋଧନ କରାଯିବ ଓ ସେହି ପାଣିକୁ ପୁନର୍ବାର ବ୍ୟବହାର କରାଯିବ।

## ମାଛଧରା ବନ୍ଦର

ବନ୍ଦର ବ୍ୟତୀତ ପାରାଦୀପରେ ଏକ ମାଛଧରା ବନ୍ଦର ରହିଛି। ଏଠାରୁ ମତ୍ସ୍ୟଜୀବୀମାନେ ଟ୍ରଲର, ବୋଟ୍, ବିଭିନ୍ନ ପ୍ରକାର ଡଙ୍ଗାରେ ସମୁଦ୍ରକୁ ଯାଇ ମାଛ ଧରି ଅକ୍ସନ ହଲକୁ ଆଣନ୍ତି। ସେଠାରୁ ବିଦେଶକୁ ମାଛ ରପ୍ତାନି ହୋଇଥାଏ। ୧୯୫୮ରୁ ଆରମ୍ଭ ହୋଇଥିବା ଏହି ବନ୍ଦର ୪୮ ଏକର ଅଞ୍ଚଳ ବ୍ୟାପୀ ରହିଛି। ଏହା ମଧ୍ୟରେ ୪ଟି ବର୍ଥ ଅଛି। ମାଛଧରା ବନ୍ଦର ପୋତାଶ୍ରୟରେ ୬୩୨ ଟ୍ରଲର, କ୍ୟାରେଟ୍ ବୋଟ୍, ସୋନା ଟ୍ରଲର ସହ ୨୨୦ଟି ଯନ୍ତ୍ରଚାଳିତ ବୋଟ୍ ରହିଛି। ଏହି ମତ୍ସ୍ୟ ଶିଳ୍ପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫୦ହଜାର ମତ୍ସ୍ୟଶିଳ୍ପୀ ନିର୍ଭରଶୀଳ। ଏଠାରୁ ବିଦେଶକୁ ସାମୁଦ୍ରିକ ମାଛ ରପ୍ତାନୀ ହୋଇ ବାର୍ଷିକ ପ୍ରାୟ ୫୦୦ କୋଟିର ବୈଦେଶିକ ମୁଦ୍ରା ଭାରତକୁ ଆସୁଛି। ଏହାକୁ ପରିଚାଳନା କରିବା ପାଇଁ ସରକାରୀ ଭାବେ ୨୦୧୧ ନଭେମ୍ବରରେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଏଥିସହ ସହକାରୀ ନିର୍ଦ୍ଦେଶକ (ସାମୁଦ୍ରିକ)ଙ୍କ କାର୍ଯ୍ୟାଳୟ ରହିଛି।





## ଗୁରୁତ୍ୱପୂର୍ଣ୍ଣ ଫୋନ୍ ନମ୍ବର (କୋଡ୍-୦୬୭୨୨)

- ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ-୨୨୨୨୩୭
- ଅତିରିକ୍ତ ଆରକ୍ଷୀ ଅଧିକାରୀ-୨୨୨୦୦୭
- ଦମକଳ କେନ୍ଦ୍ର-୨୨୨୩୮୫
- ବିଜୁ ମେମୋରିଆଲ ହସ୍ପିଟାଲ-୨୨୧୨୬୬
- ପୋର୍ଟ ଚିକିତ୍ସାଳୟ-୨୨୨୦୪୧
- ପାରାଦୀପ ଥାନା ଅଧିକାରୀ-୯୪୩୮୯୧୬୨୩୧
- ଲକ୍ ଥାନା ଅଧିକାରୀ-୯୪୩୮୯୧୬୨୩୦
- ଅଭୟଚାନ୍ଦପୁର ଥାନା ଅଧିକାରୀ-୯୪୩୮୯୧୬୨୨୧
- ସାମୁଦ୍ରିକ ଥାନା ଅଧିକାରୀ- ୯୪୩୮୯୧୬୬୬୮
- ଜଟାଧାର ମୁହାଣ ଥାନା ଅଧିକାରୀ-୯୪୩୭୬୨୧୮୮୫

### ଡପ୍‌ଲର ରାଡାର

ପାରାଦୀପ କଲେଜ ରୋଡ୍‌ର ଷଣ୍ଢକୁଦ ରାସ୍ତାରେ ରହିଛି ଡପ୍‌ଲର ରାଡାର। ୩୭ ମିଟର ଉଚ୍ଚର ଏକ ଫୁଟ୍‌ବଲ୍ ଭଳି ଦୃଶ୍ୟମାନ ଏହି ରାଡାର ଦ୍ୱାରା ପୂର୍ବ ଉପକୂଳରେ ପାଣିପାଗର ପୂର୍ବାନୁମାନ କରାଯାଇଥାଏ। ୧୯୯୯ ମହାବାତ୍ୟା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ରାଡାର ପ୍ରତିଷ୍ଠା ହୋଇଥିଲା। ୨୦୧୫ ନଭେମ୍ବରରେ ଏହା ଲୋକାର୍ପଣ ହୋଇଥିଲା।

**ବତିଘର :** କେନ୍ଦ୍ର ଭୂତଳ ବିଜ୍ଞାନ ବିଭାଗ ପକ୍ଷରୁ ୧୯୮୨ରେ ମେରାଇନ୍ ଡ୍ରାଇଭ୍ ପାଖରେ ଏକ ବତିଘର ପ୍ରତିଷ୍ଠା ହୋଇଛି।

## ପାର୍କ



ସହରରେ ଚିତ୍ତବିନୋଦନ ପାଇଁ ଏକାଧିକ ପାର୍କ ଅଛି। ୧୯୯୯ ମହାବାତ୍ୟାର ସ୍ମୃତିଚାରଣ ପାଇଁ ବନ୍ଦର କର୍ତ୍ତୃପକ୍ଷ ମଧୁବନଠାରେ ସ୍ମୃତି ଉଦ୍ୟାନ ନିର୍ମାଣ କରିଛନ୍ତି। ଏହାବାଦ୍ ବନ୍ଦର ପ୍ରଶାସନିକ ଭବନ ପାଖରେ ରଜତ ଉଦ୍ୟାନ, ଜଗନ୍ନାଥ ମନ୍ଦିର ପାଖରେ ପୌର ପାଳିକାର ୨ଟି ଶିଶୁ ଉଦ୍ୟାନ, କପିଳବଜାର ନଦୀ କୂଳରେ ମୁକ୍ତାକାଶ ବ୍ୟାୟାମ ଶାଳା ରହିଛି। ମର୍ନିଂୱାକ ପାଇଁ ବେଳାଭୂମି ରାସ୍ତା ଥିବାବେଳେ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାସ୍ତା ପାର୍ଶ୍ୱରେ ବିଭିନ୍ନ ଜଳଜୀବଙ୍କ ପ୍ରତିକୃତି ନିର୍ମାଣ ହୋଇଛି। ଅଠରବାଙ୍କୀଠାରେ ବିଜୁ ପାର୍କ, ନେହେରୁ ବଙ୍ଗଳାରେ ମନ୍ମଦ ଉଦ୍ୟାନ, ଜବାହାର ଉଦ୍ୟାନ ଆଦି ରହିଛି।

## ଶିକ୍ଷାନୁଷ୍ଠାନ




ପାରାଦୀପ ପୌରାଞ୍ଚଳରେ ସରକାରୀ ଓ ବେସରକାରୀ ମିଶି ୪୩ଟି ସ୍କୁଲ ଅଛି। ସେଥିରେ ୨୦୧୮ ଜାନୁୟାରୀ ୩୦ ସୁଦ୍ଧା ୧୭,୨୬୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟଗୁଡିକ ମଧ୍ୟରୁ ୧୮ଟି ସରକାରୀ ଓ ୨୫ଟି ବେସରକାରୀ। ସରକାରୀ ସ୍କୁଲଗୁଡିକ ହେଲା ନୋଳିଆସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଲୋକନାଥ କଲୋନୀ ପ୍ରାଥମିକ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ମା' ଅମ୍ବିକା ହାଇସ୍କୁଲ, ଦୁଇଟି ବଙ୍ଗାଳିପଡ଼ା ପ୍ରାଇମେରୀ ସ୍କୁଲ, ଲକ୍‌ପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଏନ୍‌ଏସି ଗାର୍ଲ୍ସ ହାଇସ୍କୁଲ, ମା' ଅମ୍ବିକା ୟୁପି ସ୍କୁଲ, ମୁକ୍ତେଶ୍ୱର ୟୁପି ସ୍କୁଲ, ଏନ୍‌ଏସି ହାଇସ୍କୁଲ, ସଞ୍ଜୟ ଗାନ୍ଧୀ ନୋଡାଲ ହାଇସ୍କୁଲ, ବୀଣାପାଣି ପ୍ରାଥମିକ ବିଦ୍ୟାଳୟ, ବଙ୍ଗାଳିପଡ଼ା ବିଦ୍ୟାଳୟ, ଘନଗଳିଆ ୟୁପି ସ୍କୁଲ, ପୋର୍ଟ ଟ୍ରଷ୍ଟ ହାଇସ୍କୁଲ। ସେହିପରି ବେସରକାରୀ ସ୍କୁଲଗୁଡିକ ହେଉଛି ଦୁଇଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭି ପଏଣ୍ଟ କେଜି ସ୍କୁଲ, ବେଥାନୀ କନ୍‌ଭେଣ୍ଟ ସ୍କୁଲ, ଭେଙ୍କଟେଶ୍ୱର ତେଲଗୁ ସ୍କୁଲ, ଜଗନ୍ନାଥ ୟୁପି ସ୍କୁଲ, ନୋଳିଆସାହି ଏଲକେଜି, ଟ୍ୱିଙ୍କିଲ ଟ୍ୱିଙ୍କିଲ ପ୍ଲେ ସ୍କୁଲ, ଇନ୍ଦିରା ପାର୍କ ୟୁପି ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, କଳିଙ୍ଗ ଏକାଡେମୀ, ଡିଏଭି ଇଫ୍‌କୋ ସ୍କୁଲ, କୋଷ୍ଟଗାର୍ଡ ପ୍ଲେ ସ୍କୁଲ, ଜ୍ୟୋତି ପବ୍ଲିକ ସ୍କୁଲ, ଡିଏଭି ପୋର୍ଟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭିତରଗଡ,ଭି.ପଏଣ୍ଟ ଶିଶୁ ମନ୍ଦିର, ବାଲିଝରା ଗୋପବନ୍ଧୁ ସ୍କୁଲ, ଜାଗୃତି ଭିନ୍ନକ୍ଷମ ସ୍କୁଲ, ବାଲିଝରା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବିର୍ସାମୁଣ୍ଡା ନବପ୍ରଭାତ ଶିଶୁ ବିଦ୍ୟାମନ୍ଦିର, ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ନୂଆବଜାର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଗଣପତି ଶିଶୁ ବିଦ୍ୟାମନ୍ଦିର ଓ ଷଣ୍ଢକୁଦ ଶ୍ରୀମା ଅରବିନ୍ଦ ଶିକ୍ଷାକେନ୍ଦ୍ର । ତେବେ ପାରାଦୀପରେ ମାତ୍ର ଗୋଟିଏ କଲେଜ ରହିଛି।

## ପ୍ରମୁଖ ଶିଳ୍ପ ସଂସ୍ଥା

ବନ୍ଦରକୁ ଆୟୁଧ କରି ପାରାଦୀପରେ ୧୫ଟି ବୃହତ୍ ଶିଳ୍ପ ସ୍ଥାପିତ ହୋଇଛି। ସେଗୁଡିକ ହେଲା ବିୟର ଫ୍ୟାକ୍ଟ୍ରି, ପିପିଏଲ୍, ଇଫ୍‌କୋ, ଏସାରଷ୍ଟିଲ, ଏସାର ପ୍ରୋଜେକ୍ଟ, ଏସାର ପାୱାର, ଭାରତୀୟ ତୈଳ ନିଗମର ବିଶୋଧନାଗାର, ହଳଦିଆ-ବଉରେଣୀ-ପାରାଦୀପ ପାଇପ୍ ଲାଇନ୍, ଏଲଏନ୍‌ଜି ଟର୍ମିନାଲ, ତୈଳ ଟର୍ମିନାଲ, ଭାରତୀୟ ପେଟ୍ରୋଲିୟମର ଟର୍ମିନାଲ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଟର୍ମିନାଲ, ଆଦାନୀ ୱିଲମାର ଖାଇବାତେଲ କମ୍ପାନୀ, ଗୋଆ କାର୍ବନ ଓ କଳିଙ୍ଗ କାଲସିନର କାର୍ବନ କମ୍ପାନୀ। ଏଥିସହ ଦୀପକ ଫର୍ଟିଲାଇଜର, ପ୍ଲାଷ୍ଟିକ ପାର୍କ ଓ ଏକ ଷ୍ଟିଲ କାରଖାନା କରିବାକୁ ପ୍ରସ୍ତାବ ରହିଛି।

### ଓଡ଼ିଶା ମେରିଟାଇମ୍ ଏକାଡେମୀ

ବିଜୁବାବୁ ୯୦ ଦଶକରେ ମୁଖ୍ୟମନ୍ତ୍ରୀ ଥିବାବେଳେ ପାରାଦୀପର ମଧୁବନ ଭୀମଭୋଇ କଲୋନୀଠାରେ ଏହି ନୌବାଣିଜ୍ୟ ଶିକ୍ଷାକେନ୍ଦ୍ର ଖୋଲିଥିଲେ। ଏହା ଓଡ଼ିଶାର ଏକମାତ୍ର ନୌବାଣିଜ୍ୟ ଶିକ୍ଷାକେନ୍ଦ୍ର।

### କ୍ଷାରଜଳ ପ୍ରକଳ୍ପ

ମତ୍ସ୍ୟଶିଳ୍ପ ସହ ସମ୍ପୃକ୍ତ ଏକ କ୍ଷାରଜଳ ପ୍ରଶିକ୍ଷଣ କେନ୍ଦ୍ର ନେହେରୁ ବଙ୍ଗଳାରେ ରହିଛି। ରାଜ୍ୟରେ ୨ଟି ଏଭଳି ପ୍ରକଳ୍ପ ଥିଲେ ହେଁ ଚିଲିକାରେ ଥିବା କେନ୍ଦ୍ର କେତେବର୍ଷ ହେଲା ସ୍ଥାଣୁ ଅବସ୍ଥାରେ ରହିଛି। ଏଠାରେ ପ୍ରତିବର୍ଷ ୫୦ଜଣଙ୍କୁ ତାଲିମ୍ ଦିଆଯାଉଛି।

### ଡକ୍‌ସେଫ୍ଟି

କେନ୍ଦ୍ର ସରକାରଙ୍କ ଏହି ଅଫିସ ବଡ଼ପଡିଆ ପୋର୍ଟ ପାଖରେ ଅଛି। ୧୯୭୦ ଦଶକରୁ ଏହି ବିଭାଗ ବନ୍ଦର ପୋତ ସୁରକ୍ଷା ଓ ନିରାପତ୍ତା ପାଇଁ କାମ କରୁଛି। କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟର ଏହା ଓଡ଼ିଶାରେ ଏକମାତ୍ର ସଂସ୍ଥା।

### ଏମ୍‌ଏମ୍‌ଡି

କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟର ଏମ୍‌ଏମ୍‌ଡି (ମର୍କାଣ୍ଟାଇଲ ମେରାଇନ୍ ଡିପାର୍ଟମେଣ୍ଟ) ଅଫିସ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ଅଛି। ଏହା ମଧ୍ୟ ଓଡ଼ିଶାର ଏକମାତ୍ର ଅଫିସ। ବିଦେଶାଗତ ଜାହାଜର କାଗଜପତ୍ର ଓ ଆନୁଷଙ୍ଗିକ ଭିତ୍ତିଭୂମି ଏହା ଦ୍ୱାରା ଯାଞ୍ଚ କରାଯାଏ।

### ଇମିଗ୍ରେଶନ

ବିଦେଶୀ ନାବିକ ଓ ନାଗରିକଙ୍କ ପରିଚୟପତ୍ର ଯାଞ୍ଚ କରିବା ଏହି ବିଭାଗର କାମ। ଭାରତର ବୈଦେଶିକ ନିୟମାନୁଯାୟୀ, କେଉଁ ଦେଶର ନାଗରିକ କେତେଘଣ୍ଟା ସ୍ଥଳଭାଗରେ ଆସି ରହିପାରିବେ ତାହା ସ୍ଥିର ହୋଇଛି। ଭାରତର ବନ୍ଧୁରାଷ୍ଟ୍ର ଶ୍ରୀଲଙ୍କା, ବାଂଲାଦେଶ ଓ ରୁଷିଆର ନାଗରିକ ୨୪ଘଣ୍ଟା, ଚାଇନା, ଇଟାଲି, ୟୁକ୍ରେନର ନାଗରିକ ୬ ଘଣ୍ଟା ରହିପାରିବେ। ଅନ୍ୟପକ୍ଷରେ ପାକିସ୍ତାନର ନାଗରିକଙ୍କ ପାଇଁ ସ୍ଥଳଭାଗ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏସବୁ ଏହି ବିଭାଗ ଦ୍ୱାରା ଯାଞ୍ଚ ହୁଏ।

### ପିଏଚଓ

ବିଦେଶୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପବ୍ଲିକ୍ ହେଲ୍ଥ ଅଫିସ(ପିଏଚଓ) ଦାୟିତ୍ୱ। କୌଣସି ବିଦେଶୀ ନାଗରିକଙ୍କଠାରୁ ଯେପରି ମହାମାରୀ ରୋଗ ନ ବ୍ୟାପେ ସେଥିପ୍ରତି ସତର୍କତା ଅବଲମ୍ବନ କରାଯାଏ। ଏହି ଅଫିସ ବନ୍ଦର ଚିକିତ୍ସାଳୟର ଗେଟ୍ ପାଖରେ ରହିଛି।

## ବନ୍ଦରରୁ ସହର

ପାରାଦୀପ ବନ୍ଦରକୁ ପାଥେୟ କରି ଗଢିଉଠିଛି ପାରାଦୀପ ସହର। ବନ୍ଦର ପ୍ରତିଷ୍ଠା ପରେ ଶିଳ୍ପ କାରଖାନା ବୃଦ୍ଧି ପାଇବା ସହ ଏଠାରେ ଜନବସତି ଗଢି ଉଠିଲା। ଧୀରେ ଧୀରେ ବଜାର, ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର ଆଦି ପ୍ରତିଷ୍ଠା ସହ ଖେଳପଡ଼ିଆ, ରାସ୍ତାଘାଟ ଆଦିର ବିକାଶ ହୋଇଛି। ସହରାଞ୍ଚଳର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ୧୯୭୯ ସେପ୍ଟେମ୍ବର ୨୭ରେ ପ୍ରଥମ ବିଜ୍ଞାପିତ ଅଞ୍ଚଳ ପରିଷଦ (ନୋଟିଫିକେଶନ ନଂ.୩୧୧୬୯ରେ) ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ସହରର କଳେବର ବୃଦ୍ଧି ପାଇବା ଯୋଗୁ ୨୦୦୨ ଫେବୃୟାରୀ ୧୨ରେ ପୌର ପରିଷଦ (ନୋଟିଫିକେଶନ ନଂ.୪୭୩୦୨ରେ) ମାନ୍ୟତା ମିଳିଲା। ବେଳାଭୂମି, ବନ୍ଦରାଞ୍ଚଳ ଓ ୫ଟି ରାଜସ୍ୱ ଗ୍ରାମକୁ ନେଇ ୩୨.୪୦ ବର୍ଗ କିଲୋମିଟର ଅଞ୍ଚଳ ପୌରାଞ୍ଚଳରେ ରହିଛି। ଏହାକୁ ୧୯ ୱାର୍ଡରେ ବିଭକ୍ତ କରାଯାଇଛି। ଏହି ସୀମା ମଧ୍ୟରେ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୫୦ରୁ ଊର୍ଦ୍ଧ୍ୱ ପ୍ରଶାସନିକ ବିଭାଗ ରହିଛି। ପ୍ରତିଦିନ ଦେଶ ବିଦେଶରୁ ଲୋକ ଏଠାକୁ ଆସୁଛନ୍ତି। ସବୁ ଧର୍ମ ଓ ବର୍ଣ୍ଣର ଲୋକେ ଏଠାରେ ସ୍ୱଚ୍ଛନ୍ଦରେ ଜୀବନଯାପନ କରୁଛନ୍ତି।

## ପ୍ରବାଦ ପୁରୁଷଙ୍କ ଦୃଢ଼ ସଙ୍କଳ୍ପ

## ଐତିହାସିକ ପୃଷ୍ଠଭୂମି

ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିକ ଶିଳ୍ପନଗରୀ ପାରାଦୀପର ଇତିହାସ ସେତେ ପୁରୁଣା ନୁହେଁ। ଦେଶର ପୁରୁଣା ବନ୍ଦର କଲିକତା ଓ ବିଶାଖାପାଟଣା ମଧ୍ୟରେ ଏକ ବନ୍ଦର ପ୍ରତିଷ୍ଠା ପାଇଁ ୧୯୫୦ରେ କେନ୍ଦ୍ର ଜଳ ଓ ଶକ୍ତି କମିଶନ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ୧୯୬୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପାରାଦୀପରେ ବନ୍ଦର କରିବେ ବୋଲି ଦୃଢ ସଙ୍କଳ୍ପ ନେଇଥିଲେ। ଏଥିପାଇଁ ସେ ୧୯୬୨ ଜାନୁୟାରୀ ୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁଙ୍କୁ ଆଣି ମହାନଦୀ ମୁହାଣ ପାଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉଦ୍‌ଘାଟନ ଫଳକରେ ନେହେରୁ ଲେଖିଥିବା ବାର୍ତ୍ତା 'ଏହା ହିଁ ମହାଜାତିର ନିର୍ଦ୍ଦେଶ, ପୁଣି ଏକ ବିରାଟ ଅଭିଯାନ ପଥରେ ମୋର ଏହି ଆହ୍ୱାନ' ଆଜି ମଧ୍ୟ ମନରେ ଅସୀମ ସାହସ ଭରିଦେଉଛି। ସେତେବେଳେ ଓଡ଼ିଶା ସରକାରଙ୍କ ପାଖରେ ଅର୍ଥ ନ ଥିଲା। ବିନା ପ୍ଲାନିଂ କମିଶନଙ୍କ ସ୍ୱୀକୃତିରେ ବିଜୁବାବୁ ବନ୍ଦର କରିବାକୁ ନିଷ୍ପତ୍ତି ନେଲେ। ରାଜ୍ୟ ରାଜକୋଷରୁ ୧୬.୮୦ କୋଟି ଟଙ୍କା ବ୍ୟୟରେ ୧୯୬୪ ମାର୍ଚ୍ଚ ୧୫ରୁ ବନ୍ଦର ବର୍ଥ ନିର୍ମାଣ ଆରମ୍ଭ ହେଲା। ତେବେ ରାଜକୋଷରେ ଅର୍ଥାଭାବ ଯୋଗୁ ସେତେବେଳେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଶେଷରେ ବିଜୁବାବୁ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ୧୯୬୫ ଜୁନ୍ ୧ ରେ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରିଥିଲେ। ବର୍ଷକ ମଧ୍ୟରେ ଗୋଟିଏ ବର୍ଥ ନିର୍ମାଣ ଶେଷ ହୋଇଗଲା। ୧୯୬୬ ମାର୍ଚ୍ଚ ୧୨ରେ ପ୍ରଥମ ଜାହାଜ 'ଆଇଏନ୍‌ଏସ୍ ଇନଭେଷ୍ଟିଗେଟର' ବନ୍ଦରରେ ଲାଗିଲା। ସେତେବେଳେ ବର୍ଥ ନିର୍ମାଣ କାମ ଯୁଗୋସ୍ଲୋଭିଆର ଏକ କମ୍ପାନୀ କରୁଥିଲା। ଯୁଗୋସ୍ଲୋଭିଆର ପ୍ରଧାନମନ୍ତ୍ରୀ ପିଟର ଷ୍ଟାମ୍ବୋଲିକ୍ ସେଦିନ ସେଠାରେ ଉପସ୍ଥିତ ଥିଲେ। ୧୯୬୬ ଏପ୍ରିଲ ୧୮ରେ ପାରାଦୀପ ବନ୍ଦରକୁ କେନ୍ଦ୍ର ସରକାର ବୃହତ୍ ବନ୍ଦର ଭାବେ ଘୋଷଣା କଲେ। ଏବେ ଦେଶର ୧୨ଟି ବନ୍ଦର ମଧ୍ୟରୁ ପାରାଦୀପ ଦ୍ୱିତୀୟ ବୃହତ୍ ବନ୍ଦର ମାନ୍ୟତା ପାଇଛି। ଚଳିତବର୍ଷ ଏହା ରେକର୍ଡ ପରିମାଣ ୧୦୦ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରିଛି। ଏହି ଧାରା ଜାରି ରହିଲେ ୨୦୨୫ ସୁଦ୍ଧା ୩୨୫ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ଏହା ପ୍ରଥମ ସ୍ଥାନ ହାସଲ କରିବ ବୋଲି ଆଶା କରାଯାଉଛି।

## ସହର ବିଷୟରେ ଏମାନଙ୍କ ମତ



▶ ବନ୍ଦରର ଯେତିକି ବିକାଶ ହୋଇଛି, ସେହି ଅନୁସାରେ ସହରାଞ୍ଚଳର ବିକାଶ ହୋଇପାରିନାହିଁ। ବଡ଼ପଡ଼ିଆ ମୁଖ୍ୟ ବଜାର ସ୍ଥିତି ଯେପରି ଅଛି, ତାହା ଅତ୍ୟନ୍ତ ନିମ୍ନମାନର। ବିଦେଶୀ ନାଗରିକମାନେ ଏହି ବଜାରକୁ ଦେଖି ଭାରତର ଚିତ୍ର ପରଖୁଥିବେ। ତେଣୁ ଏଠାରେ ବିଶ୍ୱସ୍ତରୀୟ ବଜାର, ରାସ୍ତା, ଭିତ୍ତିଭୂମିର ବିକାଶ ଆବଶ୍ୟକ।

**ଗତିକୃଷ୍ଣ ଶତପଥୀ, ଆଇନଜୀବୀ**



▶ ପାରାଦୀପ ବିକଶିତ ହୋଇଛି। ଗତ ୧୦ ବର୍ଷରେ କେତେକ ଉନ୍ନୟନ କାର୍ଯ୍ୟ ହୋଇଛି। କିନ୍ତୁ ପର୍ଯ୍ୟଟନର ବିକାଶ ପାଇଁ ଆଉ କିଛି କରିବା ଦରକାର। ପାରାଦୀପକୁ ଆସୁଥିବା ଆଗନ୍ତୁକଙ୍କ ରହଣି ପାଇଁ ଉଚ୍ଚମାନର ହୋଟେଲ, ଅତିଥିଶାଳା ରହିଛି। କିନ୍ତୁ ସ୍ୱଳ୍ପମୂଲ୍ୟରେ ରହିବାର ଭିତ୍ତିଭୂମି ନାହିଁ। ତେଣୁ ଏଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ।

**ରମେଶ ଚନ୍ଦ୍ର ତ୍ରିପାଠୀ, ପ୍ରାବନ୍ଧିକ**



▶ ପାରାଦୀପକୁ ବିଭିନ୍ନ ସମୟରେ ଦେଶ ବିଦେଶରୁ ବହୁ ଗବେଷକ, ଛାତ୍ରୀଛାତ୍ର ଗବେଷଣା ପାଇଁ ଆସୁଛନ୍ତି। ସେମାନଙ୍କ ଜାଣିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଆବଶ୍ୟକ। ଏଥିସହ ରହଣି ପାଇଁ ସ୍ୱଳ୍ପ ମୂଲ୍ୟରେ ଏକ ୫୦ ଶଯ୍ୟା ବିଶିଷ୍ଟ ଉନ୍ନତମାନର ହଷ୍ଟେଲ ହେବା ଦରକାର। ଏହା ହେଲେ ବିଦେଶୀ ଛାତ୍ରୀଛାତ୍ର ଅଧିକ ସଂଖ୍ୟାରେ ଆସିବେ। ଏପରି ବ୍ୟବସ୍ଥା ପରୋକ୍ଷରେ ପାରାଦୀପକୁ ବିଶ୍ୱସ୍ତରରେ ଖ୍ୟାତି ଦେବ।

**ସୁରେନ୍ଦ୍ର ମୋହନ ମିଶ୍ର, ଅଧ୍ୟକ୍ଷ, ପାରାଦୀପ କଲେଜ**



▶ ବନ୍ଦର ଭିତ୍ତିକ ଶିଳ୍ପ ସହର ପାରାଦୀପ ଯେତିକି ପୁରୁଣା ହେଉଛି, ସେତିକି ମାତ୍ରାରେ ବିକାଶ କରୁଛି। ଏହା ଏବେ ପୂର୍ବ ଭାରତର ଅର୍ଥନୈତିକ ମୁଖଶାଳା ପାଲଟିଛି। ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ ପାଇଁ ବନ୍ଦର କର୍ତ୍ତୃପକ୍ଷ ଓ ପୌରପାଳିକା ମିଳିତ ଭାବେ 'ଆମ ପାରାଦୀପ' ଗଠନ କରି ବ୍ୟାପକ ପଦକ୍ଷେପ ନେଇଛନ୍ତି।

**ବସନ୍ତ ବିଶ୍ୱାଳ, ପୌରାଧ୍ୟକ୍ଷ, ପାରାଦୀପ ପୌର ପାଳିକା**




## ବନ୍ଦର ପଣ୍ୟ କାରବାର

ପାରାଦୀପ ବନ୍ଦରରେ ବର୍ତ୍ତମାନ ୨୦ଟି ବର୍ଥ (ଜାହାଜ ଲାଗୁଥିବା ସ୍ଥାନ) କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରେ ୧୫ଟି ସାଧାରଣ ବର୍ଥ, ୧ଟି ବହୁମୁଖୀ (ରୋ-ରୋ) ବର୍ଥ, ୩ଟି ଏସ୍‌ପିଏମ୍ (ସିଙ୍ଗିଲ୍ ପଏଣ୍ଟ ମୋରିଙ୍ଗ ସିଷ୍ଟମ୍) ବର୍ଥ ଓ ଗୋଟିଏ ତୈଳ ବୋଝେଇ ଜାହାଜ ବର୍ଥ ରହିଛି। ଏଠାରୁ ବିଶ୍ୱର ବିଭିନ୍ନ ଦେଶ, ମହାଦେଶକୁ ବଡ଼ ବଡ଼ ଜାହାଜ ଯୋଗେ ପଣ୍ୟ ରପ୍ତାନି ଓ ଆମଦାନୀ ହୋଇଥାଏ। ବିଶେଷକରି ଅଶୋଧିତ ତୈଳ, କୋଲ ପ୍ରଡକ୍ଟ, ଥର୍ମାଲ କୋଲ, କୁକିଂ କୋଲ, ମାଙ୍ଗାନିଜ, ଚାର୍ଜକ୍ରୋମ, ଫେରୋକ୍ରୋମ, ଫେରୋ ମାଙ୍ଗାନିଜ୍, ଚୂନପଥର, ହାର୍ଡକୋକ, ପିଲେଟ୍ସ, ଫିନିସିଂ ଷ୍ଟିଲ, ସ୍କ୍ରାବ୍, ସାର, ସାର ପାଇଁ କଞ୍ଚାମାଲ, କ୍ଲିଙ୍କର, ଜିପ୍‌ସମ୍, ପ୍ରୋଜେକ୍ଟ କାର୍ଗୋ, କଣ୍ଟେନର କାର୍ଗୋ ଆଦି ପଣ୍ୟ କାରବାର ହେଉଛି।

## ଭାରତୀୟ ତଟରକ୍ଷୀ ବାହିନୀ

ପାରାଦୀପରେ ରହିଛି ଭାରତୀୟ ତଟରକ୍ଷୀ ବାହିନୀର ମୁଖ୍ୟାଳୟ-୭। ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ଥିବା ଏହି କାର୍ଯ୍ୟାଳୟ ଉପରେ ଓଡ଼ିଶାର ପୂର୍ବ ଉପକୂଳ ୪୮୦ କିମି ତଟର ସୁରକ୍ଷା ଦାୟିତ୍ୱ ରହିଛି। ଏଥିପାଇଁ ୭ଟି ପାଟ୍ରୋଲିଂ ଜାହାଜ ମୁତୟନ କରାଯାଇଛି। ସେଗୁଡିକ ହେଲା ଆଇସିଜିଏସ୍ ଅମୋଘ, ସୁଜୟ, ରେଜିଆ ସୁଲ୍‌ତାନ, ସରୋଜିନୀ ନାଇଡୁ, ଚାର୍ଲି ୪୨୫ ଓ ୪୨୬ ଏବଂ ଗୋଟିଏ ହୋଭର କ୍ରାଫ୍ଟ। ସମସ୍ତ ଜାହାଜ ପାଇଁ ପାରାଦୀପ ବନ୍ଦର ପୋତାଶ୍ରୟରେ ସ୍ୱତନ୍ତ୍ର ବର୍ଥ ରହିଛି।



ପ୍ରସ୍ତୁତି: ଶରତ ରାଉତ

## ସଂକ୍ଷେପରେ

### ପୁସ୍ତକ ଉନ୍ମୋଚିତ

ବ୍ରହ୍ମପୁର ଅଫିସ,୧୧।୯: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ଅନୁକୂଲ୍ୟରେ ପ୍ରାଚୀନ ଭାରତୀୟ ସାହିତ୍ୟ ପୁସ୍ତକ ଉନ୍ମୋଚନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କୁଳପତି ରାଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ । ଆଗକୁ ବଢିବାକୁ ହେଲେ ପ୍ରଚୀନ ସାହିତ୍ୟକୁ ସମ୍ମାନ ଦେଲେ ଭାଷାର ବିକାଶ ହେବ ବୋଲି କୁଳପତି ଆହ୍ୱାନ ଦେଇଥିଲେ । ସ୍ନାତକୋତ୍ତର ପରିଷଦ କନଫରେନ୍ସ ହଲରେ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଅନ୍ୟତମ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇଥିଲେ । ପୁସ୍ତକରେ ଥିବା ବେଦ, ସଂସ୍କୃତ, ପାଲି, ପ୍ରାକୃତ ଓ ଅପ୍ରାକୃତ ସାହିତ୍ୟ ସମ୍ପର୍କ ବିଷୟରେ ଲେଖକ ନାରାୟଣ ସାହୁ ସୂଚନା ଦେଇଥିଲେ। ପ୍ରାଚୀନ ସାହିତ୍ୟକୁ ଆଦର କରିବାକୁ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ପଟ୍ଟନାୟକ ପରାମର୍ଶ ଦେଇଥିଲେ । ବିଭାଗ ମୁଖ୍ୟ ପ୍ରଫେସର ସ୍ୱାଇଁ ପ୍ରାଚୀନ ଭାରତୀୟ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ପ୍ରଫେସର ବାଉରୀବନ୍ଧୁ ସାହୁ ମଞ୍ଚାସୀନ ଥିଲେ। ପୁସ୍ତକର ଅନ୍ୟତମ ଲେଖକ ଡ. ମନୋରଞ୍ଜନ ବିଷୋୟୀ, ସତ୍ୟନାରାୟଣ ବୁକଷ୍ଟୋରର ବନଦାସ ଚୌଧୁରୀ ଉପସ୍ଥିତ ଥିଲେ ।

### ମୋହନାରୁ ୭ ଶିଶୁ ଶ୍ରମିକ ଉଦ୍ଧାର

ମୋହନା,୧୧।୯(ଡି.ଏନ୍.ଏ.): ମୋହନା ପୋଲିସ ଓ ଚାଇଲ୍ଡ ଲାଇନର ମିଳିତ ଉଦ୍ୟମରେ ମୋହନା ଓ ଚନ୍ଦ୍ରଗିରି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୭ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ମୋହନା ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ କରଡା ସଦଳବଳ ଚଢାଉ କରି ଗଞ୍ଜାମ ଜିଲାର ୪ ଜଣ ଶିଶୁ ଶ୍ରମିକ, ମୋହନାର ଅଞ୍ଚଳର ୨ ଜଣ ଶିଶୁଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ୭ ଜଣ ଶିଶୁ ଶ୍ରମିକଙ୍କୁ ଚାଇଲ୍ଡ ଲାଇନକୁ ମୋହନା ପୋଲିସ ହସ୍ତାନ୍ତର କରିବା ପରେ ସମସ୍ତଙ୍କୁ କାର୍ଯ୍ୟାଳୟରେ ରାତିରେ ରଖି ସକାଳୁ ଶିଶୁ ମଙ୍ଗଳ ସମିତି ପାରଳାଖେମୁଣ୍ଡିକୁ ହସ୍ତାନ୍ତର କରାଯାଇଥିବା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

### ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ବିକ୍ଷୋଭ

ବୁଗୁଡ଼ା,୧୧।୯(ଡି.ଏନ.ଏ.): ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅଧାପକ ପ୍ରଭଞ୍ଜନ ମୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏ. ଜିତେଶ କୁମାର ଦୋରା, ବି. ପ୍ରକାଶ ଚନ୍ଦ୍ର ପାତ୍ର, ବିଜୟ କୁମାର ମହାରଣା, ବିଭୁତି ଭୂଷଣ ମିଶ୍ର, ଅନୁପ କୁମାର ପଣ୍ଡା, ବସନ୍ତ କୁମାର ସାହୁ, ତପନ କୁମାର ମହାପାତ୍ର, ଚନ୍ଦ୍ରଶେଖର ସାହୁ, ବୈଜୟନ୍ତୀ ମାଳା ସାହୁ ପ୍ରମୁଖ ଦାବି ପୂରଣ ପାଇଁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମଞ୍ଚ ତରଫରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ସଞ୍ଜୀବରାଜ ସେନାପତିଙ୍କୁ ପ୍ରଦାନ କରାଯାଇଥିଲା।

## ■ ଦିଗପହଣ୍ଡିରେ ଚାଷୀ ଆତ୍ମହତ୍ୟା ଅଭିଯୋଗ

# ମୃତଦେହ ରଖି ତହସିଲ ଆଗରେ ଧାରଣା

ଦିଗପହଣ୍ଡି,୧୧।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କରପଡ଼ା ପଞ୍ଚାୟତ ହାତିଆଡ଼ି ଗ୍ରାମର ଚାଷୀ ରାମଚନ୍ଦ୍ର ପ୍ରଧାନ ଋଣଭାର ସହିନପାରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। କୀଟନାଶକ ଔଷଧ ଖାଇଦେବା ପରେ ସେ ଗୁରୁତର ହୋଇପଡ଼ିଥିଲେ। ମଙ୍ଗଳବାର ଚିକିତ୍ସାଧିନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ବୈଦ୍ୟନାଥପୁର ଥାନାରେ ଏନେଇ ନଂ.୪୫୨/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଘଟଣା ପ୍ରଘଟ ହେବା ପରେ ଭାଜପା ଗଞ୍ଜାମ ଜିଲା କମିଟି ଉପସଭାପତି ଶୁଭେନ୍ଦୁ ପାଢ଼ୀ, ପରେଶ ଚନ୍ଦ୍ର ରଥ, ପ୍ରଭାତ କିରଣ ଷଡ଼ଙ୍ଗୀ, ମହନ୍ତ ଚିନ୍ମୟାନନ୍ଦ ମହାରାଜ, ମନୋଜ କୁମାର ପଣ୍ଡା, ଶୁଭ୍ରାଂଶୁ ପ୍ରଧାନ ପ୍ରମୁଖ ମୃତଦେହ ସହ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସରକାରୀ ଅନୁକମ୍ପାମୂଳକ ସହାୟତା ଦାବିରେ ଧାରଣାରେ ବସିଥିଲେ। ସ୍ଥାନୀୟ ତହସିଲଦାର ଅଦ୍ୱୈତ୍ୟ କୁମାର ସ୍ୱାଇଁ ଏନେଇ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ସହ ସବିଶେଷ ଆଲୋଚନା କରିବା ପରେ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ମୃତକଙ୍କ ପରିବାର ଲୋକଙ୍କୁ ପ୍ରଦାନ କରିଥିବା କହିଛନ୍ତି ।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରାମଚନ୍ଦ୍ର ଧାର କରଜ କରି ଖରିଫ ଧାନ ଚାଷ କରିଥିବାବେଳେ ବର୍ଷା ଓ ଜଳସେଚନ ଅଭାବରୁ ଧାନଗଛ ନଷ୍ଟ ହୋଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । କିପରି ଋଣ ଶୁଝିବା ସେ ନେଇ ଚିନ୍ତାରେ ରହୁଥିଲେ। ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ଭାଜପା ଦଳୀୟ ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଏନେଇ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଅଭିଯୋଗ ସମ୍ପର୍କରେ ବୁଧବାର ତଦନ୍ତ କରାଯିବ ବୋଲି କହିଥିଲେ।

## ଭଞ୍ଜନଗର ଏସ୍‌ଡିପିଓଙ୍କ ବିରୋଧରେ ଅଭିଯୋଗ

# ୪୦ ହଜାର ଟଙ୍କା ନେଇ ମାମଲା ରଫାଦଫା କରିବାକୁ ଚାପ

ବ୍ରହ୍ମପୁର ଅଫିସ, ୧୧।୯

**ଏଡିଜେଙ୍କ ଦ୍ୱାରସ୍ଥ ହେଲେ ବଳାତ୍କାର ଉଦ୍ୟମ ଶିକାର ନାବାଳିକାଙ୍କ ମା'**

ଗଞ୍ଜାମ ଜିଲା ଭଞ୍ଜନଗର ସବ୍‌ଡିଭିଜିନାଲ୍ ପୋଲିସ ଅଫିସର୍ (ଏସ୍‌ଡିପିଓ) ଏବଂ ଗାଙ୍ଗପୁର ଆଇଆଇସିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ଜଣେ ବଳତ୍କାର ଉଦ୍ୟମର ଶୀକାର ହୋଇଥିବା ନାବାଳିକାଙ୍କ ମା। ଏ ସମ୍ପର୍କରେ ମଙ୍ଗଳବାର ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ କୋର୍ଟର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ନାବାଳିକାଙ୍କ ପରିବାର ବର୍ଗଙ୍କୁ ୪୦ ହଜାର ଟଙ୍କା ନେଇ ମାମଲା ରଫାଦଫା କରିବା ପାଇଁ ଚାପ ପକାଯାଉଥିବା ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି ।

ପ୍ରକାଶଯେ, ଗାଙ୍ଗପୁର ଥାନା ଅଞ୍ଚଳର ଜଣେ ଷଷ୍ଠ ଶ୍ରେଣୀ ନାବାଳିକାଙ୍କୁ ଟ୍ୟୁସନ୍ ଶିକ୍ଷକ ବଳାତ୍କାର ଉଦ୍ୟମ କରିଥିବା ଅଭଯୋଗ ହୋଇଛି। ଘଟଣା ସମ୍ପର୍କରେ ନାବାଳିକା ଘରେ କହିବା ପରେ ବଦନାମ ଭୟରେ ପରିବାର ଲୋକେ କାହା ପାଖରେ ଅଭିଯୋଗ କରି ନ ଥିଲେ। ପରବର୍ତ୍ତୀ ସମୟରେ ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଥିଲେ । ପୋଲିସ ଗାଙ୍ଗପୁର ଥାନାରେ ନଂ. ୧୨୩/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସମ୍ପୃକ୍ତ ଟ୍ୟୁସନ୍ ଶିକ୍ଷକଙ୍କୁ ଗିରଫ କରିପାରିନାହିଁ। ଅଗଷ୍ଟ ୯ ତାରିଖରେ ଘଟଣା ଘଟିଥିବା ବେଳେ ପରିବାର ଲୋକେ ସେପ୍ଟେମ୍ବର ୨ରେ ଥାନାରେ ଏତଲା ଦେଇଥିଲେ। ଏହା ପରେ ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ଉଭୟ ଆଇଆଇସି ଏବଂ ଏସ୍‌ଡିପିଓ ୪୦ ହଜାର ଟଙ୍କା ନେଇ ମାମଲା ଉଠାଇଦେବାକୁ ଚାପ ପକାଇଥିଲେ ବୋଲି ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି । ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ୍ ରାୟଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ମଙ୍ଗଳବାର ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ୍‌ଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି । ଏନେଇ ଭଞ୍ଜନଗର ଏସ୍‌ଡିପିଓ ଉତ୍କଳ କେଶରୀ ଦାସଙ୍କୁ ପଚାରିବାରୁ, ଅଭିଯୋଗ ଭିତ୍ତିହୀନ, ଟ୍ୟୁସନ୍ ଶିକ୍ଷକଙ୍କ ନିକଟରେ ନାବାଳିକା ପାଠ ପଢୁଥିବା ବେଳେ ଫିକୁ ନେଇ ଉଭୟଙ୍କ ମଧ୍ୟରେ ବିଶୃଙ୍ଖଳା ଦେଖାଦେଇଛି । ଅଭିଯୋଗକୁ ଭିତ୍ତିକରି ଆଇପିସିର ଧାରା ୩୫୪,୫୦୬,୩(୧)(ଆର୍),୩(୨)(ଭିଏ) ପୋକ୍‌ସୋ ୧୨ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ ଚାଲିଛି । ଏଭଳି ସମ୍ବେଦନଶୀଳ ମାମଲାରେ ତଦନ୍ତ ପ୍ରକ୍ରିୟା ଜଟିଳ ହୋଇଥିବା ବେଳେ ଅଧିକ ସମୟ ଲାଗିଥାଏ । ଘଟଣାର ୨୫ ଦିନ ପରେ ଥାନାରେ ଅଭିଯୋଗ କରିଥିଲେ ପରିବାରବର୍ଗ ବୋଲି ସେ କହିଛନ୍ତି ।

## ଲୋକ ସଂଗଠନର ପ୍ରଧାନମନ୍ତ୍ରୀଙ୍କୁ ଚିଠି

ଦାରିଙ୍ଗବାଡ଼ି,୧୧।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଲୋକ ସଂଗଠନ ଜୀବୀକା ସୁରକ୍ଷା ମଞ୍ଚ ପକ୍ଷରୁ ପୋଷ୍ଟକାର୍ଡ଼ରେ ପ୍ରଧାନମନ୍ତ୍ରୀଙ୍କୁ ହଜାରହଜାର ଚିଠି ପଠାଯାଇଛି। ସେମାନଙ୍କ ଦାବି ହେଲା କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନାରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ଦିନକୁ ୧୮୨ ଟଙ୍କା ପ୍ରଦାନ କରାଯାଉଛି । ଯାହାକି ରାଜ୍ୟ ସରକାର ଦିନକୁ ସର୍ବନିମ୍ନ ମଜୁରି ବାବଦକୁ ୨୨୪ ଟଙ୍କା ଦେଉଛନ୍ତି । ଫଳରେ ଅଞ୍ଚଳରେ ଏମ୍‌ଜିଏନଆରଇଜିଏସ୍‌ରେ କାର୍ଯ୍ୟ କଲେ ମଜୁରି ବାବଦକୁ ଦିନକୁ ୪୨ ଟଙ୍କା ହିସାବରେ ୧୦୦ ଦିନରେ ୪ହଜାର୨ଶହ ଟଙ୍କା କ୍ଷତି ହେଉଛି। ଏଣୁ ଏହାକୁ ରାଜ୍ୟ ସରକାରଙ୍କ ମଜୁରି ପ୍ରକାରେ ପ୍ରଦାନ କରାଯିବାକୁ ଦାବି କରିଛନ୍ତି । ସେହିପରି ରାଜ୍ୟ ସରକାରଙ୍କୁ ମଧ ଏଥି ପାଇଁ ଦାୟୀ କରିଛନ୍ତି, ସରକାରଙ୍କ ଯୋଜନା ବିଭିନ୍ନ ଗ୍ରାମାଞ୍ଚଳରେ କାର୍ଯ୍ୟ କରାଯାଉଛି। ଏଥିରେ ସ୍ଥାନୀୟ ଶ୍ରମିକ ଦୈନିକ କାର୍ଯ୍ୟ କରୁଛନ୍ତି । ତେବେ ଫଳକରେ ଏହା କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ କାର୍ଯ୍ୟ ତାହା ଉଲ୍ଲେଖ କରାଯାଉନାହିଁ । କେତେକ ସରକାରୀ କର୍ମଚାରୀ, ଏହାର ଫାଇଦା ନେଇ ଶ୍ରମିକଙ୍କ ଦୈନିକ ମଜୁରି ବାବଦକୁ ୨୨୪ ଲେଖା ବିଲ କରୁଛନ୍ତି । କିନ୍ତୁ ଶ୍ରମିକ ମାନଙ୍କୁ କେନ୍ଦ୍ର ସରକାରଙ୍କ କାମକହି ୧୮୨ଟଙ୍କା ପାରିଶ୍ରମିକ ଦେଇ ଠକୁଥିବା ଲୋକ ସଂଗଠନ ଜୀବୀକା ସୁରକ୍ଷା ମଞ୍ଚ ସଦସ୍ୟ ଅଞ୍ଜନ ପ୍ରଧାନ, ସୁଧାକର ପ୍ରଧାନ, ସଭାନେତ୍ରୀ ବିଳାସିନୀ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ସମସ୍ତ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୁଚନା ଫଳକ ଲାଗାଇବା ପାଇଁ ମଞ୍ଚ ଦାବି କରିଛି ।

# ସ୍ୱତନ୍ତ୍ର ବିଦ୍ୟାଳୟ ପରିଦର୍ଶନ କଲେ ଡିଏସ୍‌ଏସ୍‌ଓ, ଡିସିପିଓ

ମୋହନା,୧୧।୯(ଡି.ଏନ୍.ଏ.)

ଗଜପତି ଜିଲା ମୋହନାରେ ଅବସ୍ଥିତ ୧୯୯୩ରୁ ସ୍ଥାପିତ ଏକ ମାତ୍ର ସ୍ୱତନ୍ତ୍ର ବିଦ୍ୟାଳୟକୁ ଡିଏସଏସଓ ରବିନ୍ଦ୍ର ନାଥ ବେହେରା ଏବଂ ଡିସିପିଓ ଅରୁଣ କୁମାର ତ୍ରିପାଠୀ ପରିଦର୍ଶନ କରିଛନ୍ତି। ଉଭୟ ଅଧିକାରୀ ବିଦ୍ୟାଳୟରେ ପଂହଚି ବିଦ୍ୟାଳୟର ପରିବେଶ, ଶୌଚାଳୟ, ଶ୍ରେଣୀ କକ୍ଷ ବୁଲି ଦେଖିବା ସହିତ ବିଦ୍ୟାଳୟର ସମସ୍ତ ପ୍ରକାର ନଥିପତ୍ର ଯାଞ୍ଚ କରିଥିଲେ। ଏହି ବିଦ୍ୟାଳୟରେ ରାୟଗଡା, ଗଂଜାମ, ଗଜପତି, କନ୍ଧମାଳ ପ୍ରଭୃତି ଜିଲାର ପଢୁଥିବା ୭୯ ଜଣ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ଖାଇବା ପାଇଁ ଥାଳି ଓ ବିସ୍କୁଟ ବଣ୍ଟନ କରିଥିଲେ। ଦୃଷ୍ଟିହୀନ ଛାତ୍ରୀଛାତ୍ରମାନେ ଦେଶାତ୍ମାବୋଧ ସଂଗୀତ ଗାନ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସମ୍ପାଦକ ଦଣ୍ଡାସି ସାହୁ, ଉପଦେଷ୍ଟା ଗଗନ କୁମାର ଦାଶ ଓ ଦୁର୍ଯ୍ୟୋଧନ କରଡାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ସେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର



@ ତ୍ରିପତି



@ ସୌରଭ



@ ଚିନ୍ମୟ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଖବରକାଗଜ ବିତରକଙ୍କ ସ୍ତ୍ରୀ ବିୟୋଗ

ଖଜୁରିପଡା,୧୧।୯: ଖଜୁରିପଡାର ଦୈନିକ ଖବରକାଗଜ ଧରିତ୍ରୀ ବିକ୍ରେତା ତଥା ସାମାଜିକକର୍ମୀ ମହାଦେବ ବେହେରାଙ୍କ ସ୍ତ୍ରୀ ଡାଳିମ୍ବଙ୍କ ୬୫ ବର୍ଷ ବୟସରେ ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କର ଶ୍ମଶାନଳୀରେ ଘା ହୋଇଥିବାରୁ ସେ ଖାଦ୍ୟପାନୀୟ ଗ୍ରହଣ କରିପାରୁ ନ ଥିଲେ।

## କଂଗ୍ରେସର ରୁଦ୍ଧଦ୍ୱାର ବୈଠକ

# ପ୍ରଦୀପ ମାଝିଙ୍କୁ ଭେଟିଲେ ଭଞ୍ଜନଗର ଭାଜପା ନେତା

ଭଞ୍ଜନଗର,୧୧।୯(ଡି.ଏନ.ଏ)

ଭଞ୍ଜନଗର ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାରେ ମଙ୍ଗଳବାର ରାତିରେ କଂଗ୍ରେସର ଏକ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ଏଥିରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, କନ୍ଧମାଳ ଓ ଆସିକା ଲୋକସଭା ପାଇଁ ପର୍ଯ୍ୟବେକ୍ଷକ ଥିବା ଏଆଇସିସି ସମ୍ପାଦକ ଅନିଲ ଚୌଧୁରୀ, ଜିଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ନାୟକ ଯୋଗ ଦେଇଥିଲେ। ଉକ୍ତ ନେତାମାନେ ଭଞ୍ଜନଗର ନିର୍ବାଚନମଣ୍ଡଳୀର ଛାମୁଆ ନେତାମାନଙ୍କୁ ଜଣଜଣ କରି ଡ଼ାକି ଦଳୀୟ ସ୍ଥିତି, ଆଶାୟୀ ପ୍ରାର୍ଥୀ ଏବଂ ଦଳୀୟ ସଙ୍ଗଠନ କିଭଳି ବୃଦ୍ଧି ପାଇବ ସେନେଇ ଆଲୋଚନା କରିଥିବା ଜଣାପଡ଼ିଛି। ଏକତା ମନୋଭାବ ରଖି ଦଳକୁ ଆଗକୁ ନେବାପାଇଁ ନେତୃବୃନ୍ଦମାନେ ପରାମର୍ଶ ଦେଇଥିଲେ। ଏହି ସମୟରେ ପୂର୍ବତନ ଭାଜପା ନେତା ତଥା ପରାଜିତ ବିଧାୟକ ପ୍ରାର୍ଥୀ ବି.ଦଣ୍ଡପାଣି ପାତ୍ରଙ୍କ ସମେତ କିଛି ଭାଜପା ଯୁବନେତା ଅଚାନକ ଡ଼ାକବଙ୍ଗଳାକୁ ଯାଇ ପ୍ରଦୀପ ମାଝୀଙ୍କୁ ଅଲଗା ଅଲଗା ଭେଟିଥିଲେ। କଣ ସେମାନେ ଆଲୋଚନା କଲେ ସେନେଇ ଜଣାପଡ଼ିନାହିଁ। ଯାହାକୁ ନେଇ ସେଠାରେ ନାନା ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସେମାନେ କଂଗ୍ରେସରେ ମିଶିବା ସମ୍ଭାବନା ଅଧିକ ଥିବା ଜଣାପଡ଼ିଛି। ଏଥିସହ ବୁଧବାର ସକାଳେ ମଧ ଆଉକିଛି ଭାଜପା ନେତା ପ୍ରଦୀପଙ୍କୁ ଭେଟି ଆଲୋଚନା କରିବାର ସମ୍ଭାବନା ରହିଛି । କଂଗ୍ରେସ କେନ୍ଦ୍ରୀୟ ନେତା ଏବଂ ରାଜ୍ୟ ନେତାଙ୍କ ଅଚାନକ ଭଞ୍ଜନଗର ଗସ୍ତ ଏବଂ ଦଳୀୟ ନେତାଙ୍କ ସହ ରୁଦ୍ଧଦ୍ୱାର ବୈଠକ ଯୋଗୁ ଭଞ୍ଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଓ କର୍ମୀମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ଉକ୍ତ ନେତାଙ୍କ ଗସ୍ତ ସମୟରେ ପିସିସି କାର୍ଯ୍ୟକାରିଣୀ ସଭ୍ୟ ନୃସିଂହ କୁମାର ରଥ, ପିସିସି ସଭ୍ୟ ଦେବୀ ବିଷୋୟୀ, ସଞ୍ଜୟ ତ୍ରିପାଠୀ, ନଗର କଂଗ୍ରେସ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ଭଞ୍ଜନଗର ବ୍ଲକ କଂଗ୍ରେସ ସଭାପତି ଅଯୋଧାନାଥ ମହାପାତ୍ର, ଜଗନ୍ନାଥପ୍ରସାଦ ବ୍ଲକ କଂଗ୍ରେସ ସଭାପତି ବିଦ୍ୟାଧର ପ୍ରଧାନ, କଂଗ୍ରେସ ଲିଗାଲ ସେଲ୍ ସଭ୍ୟ ଧବଳେଶ୍ୱର ମାଝୀ, ମଣି ଦିକ୍ଷିତ, ପ୍ରମୋଦ ପ୍ରଧାନ, ରବି ଦାସ, ଅଶୋକ ଜେନା, ସୁକାନ୍ତ ଦିଗାଲ, ବିନୟ କୁମାର ରଥ, ସୁର୍ଯ୍ୟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଭାଜପା ଘୁମୁସର ଜିଲା ଉପ ସଭାପତି ସନ୍ତୋଷ ପାଳଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଯେ ଭାଜପାର କୈଣସି ନେତା ପ୍ରଦୀପଙ୍କୁ ଆଜି ଭେଟିନାହାନ୍ତି।



ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କୁ ଭେଟୁଛନ୍ତି ।

# ପରିମଳ, ଟ୍ରାଫିକ ସମସ୍ୟା ଉପରେ ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୧୧।୯

ବ୍ରହ୍ମପୁର ମହାନଗର ନିଗମ ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗତ ୩୧ତାରିଖ ସ୍ୱାୟତ୍ତଶାସନ ଦିବସ ଅବସରରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ଦୁଇଟି ପ୍ରକଳ୍ପ ଉପରେ ବୈଠକରେ ଆଲୋଚନା ହୋଇଥିଲା । ସ୍ୱାୟତ୍ତଶାସନ ଦିବସରେ ଭତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ଅଣ୍ଡରଗ୍ରାଉଣ୍ଡ ଡଷ୍ଟବିନ ସ୍ଥାପନ ନେଇ ପଥ ପରିଷ୍କାର ହୋଇଛି । ଏନେଇ ନିର୍ଦ୍ଧାରିତ ହୋଇଥିବା ୭ ସ୍ଥାନରେ ଏହି ଡଷ୍ଟବିନ ସ୍ଥାପନ କରାଯିବ। ନଭେମ୍ବର ୧୪ ମଧ୍ୟରେ ସମସ୍ତ ସ୍ଥାନରେ ଡଷ୍ଟବିନ ସ୍ଥାପନ କାର୍ଯ୍ୟ ଶେଷ ହେବ । ପ୍ରତି ଡଷ୍ଟବିନର ଧାରଣ କ୍ଷମତା ୨.୫ କ୍ୟୁବିକମିଟର ରହିବ । ଏଥିପାଇଁ ୩.୫ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ହୋଇଛି। ଏହାବ୍ୟତୀତ ସହରରେ ଟ୍ରାଫିକ ସମସ୍ୟା ସୁଧାରିବା ଦିଗରେ ବିଏମ୍‌ସି ପକ୍ଷରୁ ଇଣ୍ଟିଗ୍ରେଟେଡ ଟ୍ରାଫିକ ବ୍ୟବସ୍ଥା ଆରମ୍ଭ ହେବ । ପ୍ରଥମେ ପାଇଲଟ ବେସିସରେ ଟାଟାବେଞ୍ଜ, କୋର୍ଟପେଟା, କମପଲ୍ଲୀ, ପିଭିଏନ ରାଓ, ଗେଟବଜାର ଅଞ୍ଚଳରେ ସ୍ୱୟଂଚାଳିତ ଟ୍ରାଫିକ ଲାଇଟ, ମାର୍କେଟ ଅଞ୍ଚଳରେ କ୍ୟାମେରା ଓ ଜିପିଏସ ବେସଡ ଭେଇକିଲ ଟ୍ରାକିଂ ସିଷ୍ଟମ ଲଗାଯିବ। ଏଥିପାଇଁ ୨ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଗିରିମାର୍କେଟ, ଅର୍ଣ୍ଣପୂର୍ଣ୍ଣା ମାର୍କେଟ, ବଡବଜାର, ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡ ପ୍ରଭୃତି ସ୍ଥାନକୁ ନୋ ପାର୍କିଂ ଜୋନ୍ ଭାବେ ଘୋଷଣା କରାଯିବ । ଏଥିପାଇଁ ଆମ ପୋଲିସ ଓ ଆରଟିଓ ସହ ଆଲୋଚନା କରାଯାଇ ଚୁକ୍ତିନାମା ସ୍ୱାକ୍ଷରିତ ହେବ। ଟ୍ରାଫିକ ନିୟମ ଭାଙ୍ଗିଲେ ଆରଟିଓ ଚାଲାଣ ସହ ବିଏମ୍‌ସିର ବାଇ-ଲ ଅନୁଯାୟୀ ନିର୍ଦ୍ଧାରିତ ଫାଇନ ଦିଶାଇ ଦେବାକୁ ହେବ। ଏଥିପାଇଁ ବିଏମ୍‌ସି ପକ୍ଷରୁ ନିର୍ଦ୍ଧାରିତ ଦେୟ ଓ ବାଇ-ଲକୁ ଲୋକଙ୍କ ଅବଗତ ପାଇଁ ପ୍ରକାଶ କରାଯିବ। ଆସନ୍ତା ୧୫ ଦିନ ମଧ୍ୟରେ ବିଏମ୍‌ସି ପକ୍ଷରୁ ନିର୍ଦ୍ଧାରିତ ଦେୟ ତଥା ଟ୍ରାଫିକ ନିୟମ ଉଲ୍ଲଘଂନ ପାଇଁ ଜାରି କରାଯାଇଥିବା ନିୟମ ବିରୋଧରେ କିଛି ଅଭିଯୋଗ ଥିଲେ ଜଣାଇପାରିବେ ବୋଲି କମିଶନର ଚକ୍ରବର୍ତ୍ତୀ ସିଂହ ରାଠୋର ସୂଚନା ଦେଇଥିଲେ ।



ବୈଠକରେ ମେୟର ଓ ଅନ୍ୟମାନେ ଉପସ୍ଥିତ।

**ବିଏମ୍‌ସି ବୈଠକ**

- ■ ନଭେମ୍ବର ୧୪ ସୁଦ୍ଧା ଲାଗିବ ଅଣ୍ଡରଗ୍ରାଉଣ୍ଡ ବିନ
- ■ ୭ ସ୍ଥାନରେ ସ୍ଥାପନ ହେବ ୨.୫ କ୍ୟୁବିକ ମିଟର କ୍ଷମତା ବିଶିଷ୍ଟ ଡଷ୍ଟବିନ

ମେୟର କେ. ମାଧବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଶନର ରାଠୋର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋକପାତ କରିଥିଲେ। ନିଜର ସ୍ୱତନ୍ତ୍ର ପାର୍କିଂ ପାଇଁ ସମସ୍ତ କଲ୍ୟାଣ ମଣ୍ଡପକୁ ନୋଟିସ ଜାରି କରାଯିବା ୨ମାସ ମଧ୍ୟରେ ନିଜସ୍ୱ ପାର୍କିଂ ଚିହ୍ନଟ ନ କଲେ ମଣ୍ଡପ ସମ୍ମୁଖକୁ ନୋ ପାର୍କିଂ ଜୋନ ଭାବେ ଘୋଷଣା କରାଯିବ ବୋଲି କମିଶନର କହିଥିଲେ। ବିଜୁ ଯୁବ ବାହିନୀ ନିଗମ ସଂଯୋଜକ ଜେ. ଚନ୍ଦ୍ର ଶେଖର ବିଜୁ ଯୁବ ବାହିନୀ ପକ୍ଷରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ମୁଁ ହିରୋ କ୍ୟାମ୍ପେନ ଉପରେ ଆଲୋକପାତ କରିଥିଲେ। ଏହି କ୍ୟାମ୍ପେନ ଓ ବିଜୁ ଯୁବ ବାହିନୀ ସମ୍ପର୍କରେ ପ୍ରଚାର ପ୍ରସାର ପାଇଁ ରାଜ୍ୟବ୍ୟାପୀ ପରିଭ୍ରମଣ କରୁଥିବା କ୍ୟାଣ୍ଟର ଅକ୍ଟୋବରରେ ମହାନଗର ଅଞ୍ଚଳରେ ପହଞ୍ଚିବ । ଏହାପୂର୍ବରୁ ପ୍ରତିୱାର୍ଡରେ ୱାର୍ଡ ସଭା ମାଧମରେ ମୁଁ ହିରୋ କ୍ୟାମ୍ପେନ ସମ୍ପର୍କରେ ଅବଗତ କରାଇବା ସହ ଲୁକ୍କାୟିତ ଅସାଧାରଣ ବ୍ୟକ୍ତିତ୍ୱଙ୍କୁ ଖୋଜି ବାହାର କରାଯିବା ନେଇ ସେ ସୂଚନା ଦେଇଥିଲେ । ଏନେଇ ପ୍ରତିୱାର୍ଡରେ ଦୁଇଟି ବୈଠକ ଆୟୋଜିତ କରାଯିବାକୁ ସଂଯୋଜନ ସୂଚନା ଦେଇଥିଲେ । ଟାଟାବେଞ୍ଜଠାରୁ କମାପଲ୍ଲୀ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କରାଯିବା ଉପରେ ପଦକ୍ଷେପ ନିଆଯିବାକୁ କର୍ପୋରେଟର ସୁରେନ୍ଦ୍ର ମହାରଣା ପ୍ରସ୍ତାବ ଦେଇଥିଲେ। ଡେପୁଟି ମେୟର ଜ୍ୟୋସ୍ନା ନାୟକ, ଡେପୁଟି କମିଶନର ସୌରୀନ୍ଦ୍ର ରାଉତରାୟ, ସିଟି ଇଞ୍ଜିନିୟର କେଦାର ଚନ୍ଦ୍ର ଖଟୁଆ, ବସ୍ତିଉନ୍ନୟନ ଅଧିକାରୀ ଇସ୍‌ସିତା ପ୍ରିୟଦର୍ଶନୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ଆଲୋଚନାରେ କର୍ପୋରେଟର ଅଶୋକ ଶୁକ୍ଳା, ବୀରେନ ପଟ୍ଟନାୟକ, ସଂଘମିତ୍ରା ଦଳାଇ, ପି. ଆଶାରାଣୀ, ମମତା ବିଷୋୟୀ, ବି.ଶ୍ରୀନିବାସ ରାଓ, ପ୍ରଶାନ୍ତ ପଟ୍ଟନାୟକ, ଅନିଲ ନାୟକ ପ୍ରମୁଖ ଭାଗ ନେଇଥିଲେ।

## ସଂକ୍ଷେପରେ

### ବାସନାପଲ୍ଲୀରେ ନଡ଼ିଆ ଚାରାରୋପଣ



**ଛତ୍ରପୁର,୧୧।୯(ଡି.ଏନ.ଏ.):** ଛତ୍ରପୁର ବ୍ଲକ ଚିକଲଖଣ୍ଡି ପଞ୍ଚାୟତ ବାସନାପଲ୍ଲୀ ଗାଁରେ ବ୍ରହ୍ମପୁର ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ନଡ଼ିଆ ଚାରାରୋପଣ କରାଯାଇଛି । ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଯୋଜନାରେ ୧୩୪ ନଡିଆ ଚାରା ବାସନାପଲ୍ଲୀ ଗଡିଆ ବନ୍ଧ ହୁଡାରେ ଲଗାଯାଇଛି। ୩ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ କରାଯିବ ବୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଈପସିତା ମିଶ୍ର, ହରପ୍ରସାଦ ରଥ ଯୋଗ ଦେଇଥିଲେ । ଏଥିରେ ୧,୩୭,୪୧୦ ଟଙ୍କାର ମଜୁରି ପ୍ରଦାନ କରାଯିବ । ଏଥିସହ ଏମଜିଏନଆରଇଜିଏସରେ ୭୫୫ ଶ୍ରମ ଦିବସ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । କ୍ଷେତ୍ର ସଂଯୋଜକ ବିପିନ୍ କୁମାର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡି. ରାମସ୍ୱାମୀ ରେଡ୍ଡୀ ଏବଂ ଗାଁବାସୀ ଏଥିରେ ଯୋଗ ଦେଇଥିଲେ । ବାସନାପଲ୍ଲୀର ସବୁଜ ବିପ୍ଳବ ସଂଘକୁ ଏହାର ପରିଚାଳନାର ଦାୟିତ୍ୱ ଦିଆଯିବ ବୋଲି ସୂଚନା ଦିଆଯାଇଛି ।

### ଦିଗପହଣ୍ଡି ହାଇସ୍କୁଲରେ ରେମିଡିଆଲ କ୍ଲାସ ଶୁଭାରମ୍ଭ

**ଦିଗପହଣ୍ଡି,୧୧।୯(ଡି.ଏନ.ଏ.):** ଗଞ୍ଜାମ ଜିଲା ଶିକ୍ଷା କାର୍ଯ୍ୟାଳୟ ସୁପାରିଶକ୍ରମେ ରବିବାର ଦିଗପହଣ୍ଡିସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ୧୦ମ ଶ୍ରେଣୀ ଛାତ୍ରଙ୍କ ନିମନ୍ତେ (ରେମିଡିଆଲ କ୍ଲାସ) ପ୍ରତିକାରୀ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ବିଇଓ ବସନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରମାନଙ୍କୁ ଅଭିଜ୍ଞ ଶିକ୍ଷକମାନେ ଶିକ୍ଷାଦାନ କରିଥିଲେ। ଜିଲା ଶିକ୍ଷାଧିକାରୀ ଡ଼. ସନାତନ ପଣ୍ଡାଙ୍କ ପ୍ରୋତ୍ସାହନକ୍ରମେ ଦିଗପହଣ୍ଡିସ୍ଥିତ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଉପସ୍ଥିତିରେ ବିଇଓ ଗଣିତ ପଢ଼ାଇଥିବାବେଳେ ସହକାରୀ ଶିକ୍ଷକ ଦିଲ୍ଲୀପ ମିଶ୍ର ସାହିତ୍ୟ ପଢ଼ାଇଥିଲେ। ପ୍ରତି ରବିବାର ୧୦ମ ଶ୍ରେଣୀ ଛାତ୍ରମାନଙ୍କୁ ହାଇସ୍କୁଲ ଶ୍ରେଣୀଗୃହରେ ପାଠ ପଢ଼ାଯିବ ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ନାୟକ କହିଛନ୍ତି।



### ବ୍ଲକ ସମ୍ମୁଖରେ ମିଳିତ ମଞ୍ଚ ଶିକ୍ଷକ କର୍ମଚାରୀଙ୍କ ଧାରଣା

**ପୋଲସରା, ଦିଗପହଣ୍ଡି/ପାଟପୁର / ବେଗୁନି ଆପଡ଼ା, ୧୧।୯(ଡି.ଏନ.ଏ.):** ପୋଲସରା ବ୍ଲକ ଆଗରେ ୧୬ ତାରିଖ ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ଗଞ୍ଜାମ ଜିଲା ମିଳିତ ମଞ୍ଚର ଆବାହକ ଅଧାପକ ଶିଶିର କାନ୍ତ ବିଶୋୟୀ ସୂଚନା ଦେଇଛନ୍ତି। ବ୍ଲକ ମିଳିତ ମଞ୍ଚର ସଭାପତି ପଦ୍ମନାଭ ପୋଲେଇ, ସତ୍ୟ ନାରାୟଣ ନାୟକ, ହର ପ୍ରସାଦ ଗୌଡ଼, ଅଶୋକ କୁମାର ନାୟକ, ରଞ୍ଜନ କୁମାର ସାହୁ, ପୀତବାସ ଡ଼ାକୁଆଙ୍କ ସମେତ ବହୁ ଶିକ୍ଷକ, ଅଧାପକ ଓ କର୍ମଚାରୀ ଧରଣା ଦେଇଛନ୍ତି। ପାଟପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଧ ମଙ୍ଗଳବାର ବ୍ଲକର ସ୍କୁଲ କଲେଜ ଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ସଭା ଓ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିବାଦ ସଭାରେ ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ଅଧାପକ ଡ଼. କୈଳାସ ଚନ୍ଦ୍ର ସ୍ୱାଇଁ ଅଧକ୍ଷତା କରିଥିଲେ। ଧାରଣାରେ ବ୍ଲକ ଅଧିନ ୩ଟି କଲେଜ ଓ ୮ଟି ହାଇସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ବେଗୁନିଆପଡ଼ା ବ୍ଲକ ପରିସରରେ ଏହି ବ୍ଲକର ସମସ୍ତ ଶିକ୍ଷକ ଓ କର୍ମଚାରୀ ଧାରଣାରେ ବସିଥିଲେ। ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲବ ବୋଲି ସଭାପତି ପ୍ରଦୀପ କୁମାର ଶତପଥୀ, ଆବାହକ ବିପ୍ର ଚରଣ ସାହୁ, ସଂଯୋଜକ କିଶୋର ଚନ୍ଦ୍ର ପଣ୍ଡା କହିଛନ୍ତି।

## ତଳେ ବସିବାକୁ ନା କାର୍ଯ୍ୟକ୍ରମ

# ସ୍କୁଲକୁ ପୋଷ୍ୟ ଗ୍ରହଣ କରିବେ ସରକାରୀ ଅଫିସ୍

**ଛତ୍ରପୁର,୧୧।୯(ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଯୋଜିତ ମୋ' ସ୍କୁଲ ଅଭିଯାନରେ ଗଞ୍ଜାମ ଜିଲାରେ ଗୁରୁଦିବସରୁ ଆରମ୍ଭ ହୋଇଥିବା 'ତଳେ ବସିବାକୁ ନା' କାର୍ଯ୍ୟକ୍ରମ ଚାଲିଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ପାଇଁ ଚେୟାର, ବେଞ୍ଚ ଏବଂ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ଆବଶ୍ୟକ ଅର୍ଥ ଅଭିଭାବକ, ପୁରାତନ ଛାତ୍ର ଏବଂ ଅନ୍ୟମାନେ ଯୋଗାଡ କରି ସ୍କୁଲକୁ ଦେବେ । ଫଳରେ ସ୍କୁଲର ବିକାଶ ହୋଇପାରିବ । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଜିଲାର ବିଭିନ୍ନ ସ୍କୁଲରେ ତଳେ ବସିବାକୁ ନା କାର୍ଯ୍ୟକ୍ରମ ଚାଲିଛି । ମଙ୍ଗଳବାର ଛତ୍ରପୁର ବ୍ଲକ ପୋଡାପଦର ହାଇସ୍କୁଲର ଛାତ୍ରୀଛାତ୍ର, ସ୍କୁଲ ଶିକ୍ଷକ-ଅଭିଭାବକ କମିଟିର ସଦସ୍ୟ ଓ ଶିକ୍ଷାବିତ୍‌ମାନେ ଜିଲାପାଳ କୁଲାଙ୍ଗେଙ୍କୁ ଭେଟି କାର୍ଯ୍ୟକ୍ରମର ସଫଳତା କାମନା କରିବା ସହ ଗୋଲାପ ଫୁଲ ଦେଇ ଅଭିନନ୍ଦନ ଜଣାଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ସାହୁ, ଅଶ୍ୱିନୀ ଚୌଧୁରୀ, ବଳରାମ ପଲାଇ, ଗାଁ କମିଟିର ବି. ବାବୁ ରାଓ, ସହକାରୀ ଶିକ୍ଷୟିତ୍ରୀ ରାଧାମଣି ପାଢୀ, ଶିକ୍ଷାବିତ୍ କୃପାସିନ୍ଧୁ ପଣ୍ଡା, ଏ. ବିଶ୍ୱମ୍ଭର ଏବଂ ଛାତ୍ରୀ ଛାତ୍ର ରୁଦ୍ର ପଲାଇ, ଇତିଶ୍ରୀ ଛାଟେଇ, ପ୍ରକାଶ କୁମାର ସାହୁ, ଶୁଭମ ମହାରଣା, ସୀମା ରାଣୀ ସାହୁ, ଭୂମିକା ଛାଟେଇ, ଏନ୍ ସରସ୍ୱତୀ, ଏ. ପ୍ରେମଲତା, ଏ. ଦେବୀ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ ।



ଜିଲାପାଳଙ୍କୁ ଭେଟି ଅଭିନନ୍ଦନ ଜଣାଉଛନ୍ତି।

### ଏମାନେ କୁହନ୍ତି...

" ଏଣିକି ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଗୋଟିଏ ଲେଖାଏଁ ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରି ତା'ର ବିକାଶ କରିବେ। ସ୍କୁଲକୁ ଚେୟାର ଓ ବେଞ୍ଚ ଦେବେ । ସମାଜ, ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ସମ୍ପର୍କ ସ୍ଥାପନ କରିବା ଏହାର ଲକ୍ଷ୍ୟ। ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସହାୟତାରେ ସ୍କୁଲ ବିକାଶ ହୋଇପାରିବ । ଫଳରେ ଚିତ୍ରରେ ପରିବର୍ତ୍ତନ ଆସିବ।

**ବିଜୟ ଅମୃତା କୁଲାଙ୍ଗେ,ଜିଲାପାଳ**

" ଏବେ ତଳେ ବସି ପାଠ ପଢୁଛୁ । ଏହି କାର୍ଯ୍ୟକ୍ରମ ଫଳରେ ସ୍କୁଲକୁ ବେଞ୍ଚ ଓ ଚେୟାର ମିଳିବ। ଏହାଦ୍ୱାରା ସ୍କୁଲରେ ପାଠ ପଢିବାକୁ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହେବ । ଏଥିସହ ଶରୀର ସୁସ୍ଥ ରହିବା ସହ ପରିବେଶ ଠିକ୍ ରହିବ ।

**ଭୂମିକା ଛାଟେଇ, ଦଶମ ଶ୍ରେଣୀ ଛାତ୍ରୀ**

" ତଳେ ଧୂଳିରେ ବସି ପିଲା ପାଠ ପଢୁଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍କୁଲକୁ ଚେୟାର ଟେବୁଲ ଆସିଲେ ପିଲା ସୁବିଧାରେ ବସି ପାଠ ପଢିବେ । କାର୍ଯ୍ୟକ୍ରମରେ ପୁରୁଣା ଛାତ୍ରମାନଙ୍କୁ ସାମିଲ କରାଯାଉଛି । ଯାହାକି ସ୍ୱାଗତଯୋଗ୍ୟ ପଦକ୍ଷେପ । କାର୍ଯ୍ୟକ୍ରମ ଦ୍ୱାରା ସ୍କୁଲର ଆବଶ୍ୟକତା ପୂରଣ ହୋଇପାରିବ।

**-ରାଧାମଣି ପାଢୀ, ସହକାରୀ ଶିକ୍ଷୟିତ୍ରୀ**

" ତଳେ ବସିବାକୁ ନା କାର୍ଯ୍ୟକ୍ରମ ପିଲାଙ୍କ ମଧ୍ୟରେ ପାଠ ପଢା ପାଇଁ ଉତ୍ସାହ ଆଣିବ । ଗାଁ କମିଟି, ପୁରାତନ ଛାତ୍ରୀଛାତ୍ର ଙ୍କର ସ୍କୁଲ ସହ ସମ୍ପର୍କ ବଢିପାରିବ । କିଛି କିଛି ପଇସାରେ ସ୍କୁଲର ବିକାଶ ହୋଇପାରିବ ।

**- ସୋମନାଥ ସାହୁ, ଶିକ୍ଷାବିତ୍**

## ଡୁଡା ସମୀକ୍ଷା ବୈଠକ

# ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଲେ ଅଧିକାରୀ ଦାୟୀ

**ଛତ୍ରପୁର,୧୧।୯(ଡି.ଏନ.ଏ.)**

- ଦରମାରୁ ଭରଣା ହେବ ଅର୍ଥ
- ପଛୁଆଙ୍କୁ କାରଣ ଦର୍ଶାଅ ନୋଟିସ୍

ଗଞ୍ଜାମ ଜିଲା ଡୁଡା (ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା)ର ଏକ ସମୀକ୍ଷା ବୈଠକ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ । ସହରାଞ୍ଚଳରେ ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଲେ ସମ୍ପୃକ୍ତ ଅଧିକାରୀଙ୍କୁ ଦାୟୀ କରାଯିବ । ନିର୍ମିତ ଗୃହ ଯଦି ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ ନ ହେଲା ତେବେ ତାହା ସରକାରୀ ଅର୍ଥର ଦୁରୁପଯୋଗ ବୋଲି ଧରାଯିବ। ଏହି ଅର୍ଥ ସମ୍ପୃକ୍ତ ଅଧିକାରୀଙ୍କ ଦରମାରୁ ଆଦାୟ କରାଯିବ । ବିଭିନ୍ନ ଯୋଜନାରେ ହିତାଧିକାରୀ ଚୟନ କ୍ଷେତ୍ରରେ ନିରପେକ୍ଷତା ଅବଲମ୍ବନ କରିବାକୁ କୁହାଯାଇଛି । ସହରାଞ୍ଚଳ ଗୁଡିକରେ ପରିଷ୍କାର ପରିଚ୍ଛନ୍ନ ଉପରେ ଗୁରୁତ୍ୱ ଦିଆଯାଇଛି । ସର୍ବସାଧାରଣଙ୍କ ପାଇଁ ପାଇଖାନା ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେତେକ ସହରାଞ୍ଚଳରେ ପଛୁଆ ରହିଥିବାରୁ ସେମାନଙ୍କୁ ଜିଲାପାଳ ତାଗିଦ୍ କରିଛନ୍ତି। ପାଇପ୍ ଜଳଯୋଗାଣ ପାଇଁ ଯେଉଁ ସହରାଞ୍ଚଳ ଦରଖାସ୍ତ ଗ୍ରହଣରେ ପଛୁଆ ଥିବେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହେବ । ସହରାଂଚଳରେ ୩ ଟି ପୋଖରୀର ସୌନ୍ଦର୍ଯ୍ୟକରଣ, ଉନ୍ନତି ଯୋଜନାରେ ଆସିଥିବା ଅନୁଦାନ ଖର୍ଚ୍ଚ କରିବାକୁ କୁହାଯାଇଛି । ଏଥିରେ ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ବୈଠକରେ ସତର୍କ କରାଇଦେଇଥିଲେ । ଏହି ବୈଠକରେ ଜିଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତାଙ୍କ ସମେତ ଏନଏସି ନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ ।

## ନୂତନ ବିଡିଓଙ୍କ ଯୋଗଦାନ

**ଧରାକୋଟ,୧୧।୯(ଡି.ଏନ୍.ଏ.)**

ଧରାକୋଟ ବିଡିଓ ପ୍ରଦୀପ କୁମାର ନାୟକଙ୍କୁ ଆର୍.ଉଦୟଗିରି ବଦଳି ପରେ ନୂତନ ବିଡିଓ ଭାବେ ରବିନାରାୟଣ ତ୍ରିପାଠୀ ଯୋଗ ଦେଇଛନ୍ତି। ସେ ବଡ଼ମ୍ବା ତହସିଲଦାର ରୂପେ କାର୍ଯ୍ୟ କରୁଥିଲେ। ଏକ ସାକ୍ଷାତ୍କାରରେ ତ୍ରିପାଠୀ କହିଛନ୍ତି ଯେ, ସେ ଗ୍ରାମାଞ୍ଚଳର ବିକାଶକୁ ପ୍ରାଥମିକ ଦେବା ସହ ଉକ୍ତ ବ୍ଲକକୁ ଜିଲାର ଶ୍ରେଷ୍ଠ ବ୍ଲକ ରୂପେ ଗଢ଼ିବାକୁ ଚେଷ୍ଟା କରିବେ।

## ଖାଦ୍ୟ ସୁରକ୍ଷା ଯୋଜନା କର୍ମଶାଳା



କର୍ମାଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

**ଆସିକା,୧୧।୯(ଡି.ଏନ୍.ଏ)**

ଆସିକା ବ୍ଲକର ସମସ୍ତ ୨୭ ପଞ୍ଚାୟତରେ ନୂତନ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଚୟନ ଚୂଡାନ୍ତ ନିମନ୍ତେ ମଙ୍ଗଳବାର ବ୍ଲକ ସଭା ଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବିଡିଓ ଗାୟତ୍ରୀଦତ୍ତ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦାସ, ମାର୍କେଟିଂ ଅଫିସର ଜୟରାମ ଲେଙ୍କା ପ୍ରମୁଖ ଯୋଗଦେଇ ହିତାଧିକାରୀ ଚୟନ ବ୍ୟବସ୍ଥାରେ ରହିଥିବା ବିଭିନ୍ନ ମାନଦଣ୍ଡ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଗ୍ରାମାଞ୍ଚଳରେ ବିଧବା, ବାର୍ଦ୍ଧକ୍ୟ ଏବଂ ବିପିଏଲ ହିତାଧିକାରୀ ଯେଭଳି ଏହି ଯୋଜନାରୁ ବାଦ ନ ପଡନ୍ତି ସେ ଦିଗରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଅକ୍ଟୋବର ୨ ତାରିଖରେ ହେବାକୁ ଥିବା ଏହି ଯୋଜନାର ଶୁଭାରମ୍ଭ ହେବ। କର୍ମଶାଳାରେ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଜିଲାପରିଷଦ ସଦସ୍ୟ, ଗ୍ରାମ ରୋଜଗାର ସେବକ, ଜି.ପି.ଟି.ଏ., ଯୋଗାଣ ସହାୟକ ପ୍ରମୁଖ ସାମିଲ ଥିଲେ।

## ଶିକ୍ଷକ ଅଧାପକ ମିଳିତ ମଞ୍ଚର ଦାବିପତ୍ର ପ୍ରଦାନ

**ହିଞ୍ଜିଳିକାଟୁ,୧୧।୯(ଡି.ଏନ.ଏ.)**

ହିଞ୍ଜିଳିକାଟୁ ବ୍ଲକ ଅଫିସ ସାମ୍ନାରେ ବ୍ଲକର ଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ ଧାରଣା ଜାରି ରହିଛି। ୧୭ ତାରିଖରୁ ପ୍ରତି ପଞ୍ଚାୟତକୁ ପଦଯାତ୍ରା କରି ଆନ୍ଦୋଳନ କରିବେ ବୋଲି ମଧ ନିଷ୍ପତି ହୋଇଛି। ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରସନ୍ନ କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟ ଷ୍ଟିୟରିଂ କମିଟି ସଦସ୍ୟ ତଥା ପୋଟିଲିମା କଲେଜ ଅଧକ୍ଷ ରବି ପାଣିଗ୍ରାହୀ, ୬୬୨ ବର୍ଗ କଲେଜର ରାଜ୍ୟ ଉପସଭାପତି ସଞ୍ଜୟ କୁମାର ଷଡ଼ଙ୍ଗୀ, ନୀଳାଞ୍ଚଳ ପାଣିଗ୍ରାହୀ, ବ୍ଲକ ଆବାହକ କୈଳାଶପତି ଦାଶ, ଗୋପିନାଥ ସାହୁ, ମାନସ ରଞ୍ଜନ ପଟ୍ଟନାୟକ, ନୀଳାଞ୍ଚଳ ସାହୁ, କାଳିଚରଣ ନାୟକ, କୈଳାଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ କର୍ମଚାରୀ ଧାରଣା ଦେଇଥିଲେ।

## ଦିନରେ ଜଳୁଛି ଷ୍ଟ୍ରିଟ୍ ଲାଇଟ୍

**ବାଲିଗୁଡ଼ା,୧୧।୯(ଡି.ଏନ୍.ଏ.)**

ବାଲିଗୁଡ଼ା ସଦର ମହକୁମାର ବିଭିନ୍ନ ୱାର୍ଡରେ ଷ୍ଟ୍ରିଟ ଲାଇଟ୍ ଗୁଡ଼ିକ ଦିନରାତି ଜଳୁଛି। ବାଲିଗୁଡ଼ା ଏନ୍ଏସିର ଖଜୁରିନାଳ, ଡୁମୁଡ଼ିସାହି, ବଡ଼ଗାଁ, ଭଗାମୁଣ୍ଡା, ଡହଳପଡ଼ି ଭଳି ବିଭିନ୍ନ ୱାର୍ଡରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ନୂଆରେ ଲଗାଯାଇଥିବା ଏଲଇଡି. ଲାଇଟ୍ ଗୁଡ଼ିକ ଦିନରାତି ଜଳୁଥିବାରୁ ଅଯଥା ବିଦ୍ୟୁତ୍ ଅପଚୟ ହେଉଥିବା ଜନସାଧାରଣ କହିଛନ୍ତି। ବିଭାଗୀୟ ଯନ୍ତ୍ରୀ ହରିହର ଦତ୍ତ କହିଛନ୍ତି ସେ କହିଥିଲେ ତାହା ଆମ ଅଗୋଚରରେ ଅଛି, ଏହି ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକର ଦାୟିତ୍ୱ ଏନ୍ଏସି କର୍ତ୍ତୃପକ୍ଷ ନେଇଛନ୍ତି, ସେମାନଙ୍କୁ ଅବଗତ କରି ସମାଧାନ କରାଯିବ। ଏନ୍ଏସି ନିର୍ବାହୀ ଅଧିକାରୀ ଜୟଦେବ ଷଡଙ୍ଗୀଙ୍କୁ ପଚାରିବାରୁ ପ୍ରତ୍ୟକ ଷ୍ଟ୍ରିଟ ଲାଇଟ୍ ଖୁଣ୍ଟରେ ଟାଇମର ମେସିନ୍ ଲଗାଯିବ ତା'ପରେ ଏହି ସମସ୍ୟାର ସମାଧାନ ହୋଇଯିବ।

## ଦାରିଙ୍ଗବାଡ଼ି ଅତିରିକ୍ତ ତହସିଲଦାର ସୁନୀଲ

# ଛୁଟିଦିନରେ ଚାଷକୁ ଗୁରୁତ୍ୱ ଦେଇଥାଏ

**ଦାରିଙ୍ଗବାଡ଼ି,୧୧।୯(ଡି.ଏନ.ଏ.)**

### ଦିନକର କାହାଣୀ



ଇଚ୍ଛା ଶକ୍ତି ଆଗରେ ସବୁ ସମ୍ଭବ ହୋଇପାରିବ । ଛାତ୍ର ଜୀବନରେ ଇଚ୍ଛା ରଖିବା ସହ ଭବିଷ୍ୟତ ପାଇଁ ନିଜର ଓ ପରିବାରର ଯୋଜନା ରହିବା ଦରକାର। ତା'ହେଲେ ଯାଇ ସଫଳତା ହାସଲ ହୋଇପାରିବ । ବାପା, ମା'ଙ୍କ ସମେତ ସ୍ତ୍ରୀ, ଭାଇ ଭଉଣୀଙ୍କ ଇଚ୍ଛା ପୂରଣକରି ଏକ ସଫଳତାର ପାହାଚ ଚଢ଼ିଥିବା କହିଛନ୍ତି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ତହସିଲର ଅତିରିକ୍ତ ତହସିଲଦାର ସୁନୀଲ କୁମାର ପ୍ରଧାନ । ୧୯୭୬ ଏପ୍ରିଲ ୧ରେ ସେ ଜି.ଉଦୟଗିରି ବ୍ଲକ ଡମେଙ୍ଗି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଗାଁରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି ପରେ ଷଷ୍ଠ ଶ୍ରେଣୀରେ ଗ୍ରାମ ନିକଟ ଗ୍ରେସିଙ୍ଗିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଥିଲେ। ମାତ୍ର ୩ ମାସ ଷଷ୍ଠରେ ଅଧୟନ କରିବା ପରେ ତୁଡ଼ିପାଜୁ ଜବାହର ନବୋଦୟ ବିଦ୍ୟାଳୟରେ ପଢ଼ିବା ପାଇଁ ଦେଇଥିବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାମ ଲେଖାଇଲେ । ସେଠାରେ ଯୁକ୍ତ ୨ ପ୍ରବେଶିକା ପର୍ଯ୍ୟନ୍ତ ଅଧୟନ ପରେ ଫୁଲବାଣୀ ସ୍ୱୟଂଶାଶିତ କଲେଜରେ ଯୁକ୍ତ ୩ ଶେଷ କଲେ। ପରେ ଇଂଲିଶରେ ସ୍ନାତକୋତ୍ତର ପଢିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ। ପରେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ଶେଷ କରି ଏକ ଇନ୍‌ସ୍ୟୁରାନ୍ସ କମ୍ପାନୀରେ ଡିଓ ଭାବେ କାର୍ଯ୍ୟ ଆରମ୍ଭ କଲେ । ତେବେ ପରିବାର ଲୋକେ ଚାହୁଁଥିଲେ ଯେ ବାପାଙ୍କ ଭଳି ସେ ମଧ୍ୟ ପ୍ରଶାସନିକ ସେବାରେ ଯୋଗ ଦିଅନ୍ତୁ । ପରିବାର ପକ୍ଷରୁ ତାଙ୍କୁ ଏଥିପାଇଁ ସଦାବେଳେ ସହଯୋଗ ମିଳୁଥିଲା। ଇତିମଧ୍ୟରେ ସେ କେନ୍ଦ୍ର ସରକାରଙ୍କ ଏକ ବିଭାଗରେ କିରାଣି ଭାବେ କାର୍ଯ୍ୟ କଲେ। ପରେ ଓଡ଼ିଶା ସରକାରଙ୍କ ଓଡ଼ିଶା ଜୀବିକା ମିଶନରେ ବାଲିଗୁଡ଼ାରେ ବିପିଏମ୍ ଭାବେ କାର୍ଯ୍ୟ କରୁଥିଲେ । ସେହି ସମୟରେ ୨୦୧୫ରେ ସେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ଦେଇଥିଲେ। ସେଥିରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା ରାଜସ୍ୱ ସେବାରେ ୨୦୧୭ ଅଗଷ୍ଟ ୯ରେ ଦାରିଙ୍ଗବାଡ଼ିର ଅତିରିକ୍ତ ତହସିଲଦାର ଭାବେ ଦାୟିତ୍ୱ ନେଲେ। ସେ ଏବେ ଉକ୍ତ ତହସିଲର ଭାରପ୍ରାପ୍ତ ତହସିଲଦାର ଦାୟିତ୍ୱରେ ରହିଛନ୍ତି। ଅଞ୍ଚଳରେ ଭୂମିହୀନଙ୍କୁ ଜମି ପ୍ରଦାନ ସହ ଛାତ୍ରୀଛାତ୍ରଙ୍କୁ ଠିକ୍ ସମୟରେ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରିବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି ।

ସେ କୁହନ୍ତି, ଏହି ପ୍ରମାଣପତ୍ର ଛାତ୍ରୀଛାତ୍ରଙ୍କୁ ଠିକ୍ ସମୟରେ ପ୍ରଦାନ କରିବାକୁ ବିଳମ୍ବିତ ରାତି ୨ଟାରୁ ଶଯ୍ୟାତ୍ୟାଗ କରି କମ୍ପ୍ୟୁଟରରେ ବସିଥାଏ। ଭୋର ୫ରେ ପ୍ରାତଃଭ୍ରମଣ ସହ ୯ଟାରେ ଅଫିସ ବାହାରିଯାଏ। ସମୟ ମିଳିଲେ କିମ୍ବା ଛୁଟିଦିନରେ ଜମିରେ ଚାଷ ସହ ପରିବା ଚାଷକୁ ଗୁରୁତ୍ୱ ଦେଇଥାଏ । ଅପରାହ୍ନ ସାଢ଼େ ୨ରେ ମଧ୍ୟାହ୍ନଭୋଜନ ସାରି ପୁଣି ଅଫିସରେ ପ୍ରାୟ ରାତି ୭ଟା ପର୍ଯ୍ୟନ୍ତ ରହିଥାଏ । ସେ ନିରାମିଷ ଖାଦ୍ୟକୁ ବେଶି ପସନ୍ଦ କରୁଥିବା କହିଛନ୍ତି । ଅଫିସରେ କୌଣସି କାର୍ଯ୍ୟକୁ ବାକି ନ ରଖି ଯେଉଁଦିନର କାର୍ଯ୍ୟ ସେହିଦିନ ଶେଷ କରୁଥିବା କହିଛନ୍ତି। ବାପା ସ୍ୱର୍ଗତ ଧ୍ରୁବ ଚରଣ ପ୍ରଧାନ ମଧ୍ୟ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନଙ୍କ କାର୍ଯ୍ୟାଳୟରେ ଉପନିର୍ଦ୍ଦେଶକ ଥିଲେ । ତାଙ୍କ ପରିବାରରେ ମା'ଙ୍କ ସହ ସ୍ତ୍ରୀ ଅମିତା ଏବଂ ଦୁଇ ଶିଶୁକନ୍ୟା ଥିବା ପ୍ରଧାନ କହିଛନ୍ତି । ତାଙ୍କ ପରିବାର ଦେଖିଥିବା ସ୍ୱପ୍ନ ପୂରଣ ହୋଇଥିବା ସେ କହିଛନ୍ତି। ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ବାପା,ମା'ଙ୍କ ପରାମର୍ଶକୁ ମାନିବା ସହ ଜଣେ ଆଦର୍ଶ ଛାତ୍ରୀଛାତ୍ର ହେବାକୁ ଉଦ୍ୟମ କରିବା ଆବଶ୍ୟକ ।

# ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଧାରଣା

**ଛତ୍ରପୁର,୧୧।୯(ଡି.ଏନ.ଏ)**

ଓଡିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ଛତ୍ରପୁର ବ୍ଲକ ଆଗରେ ଧାରଣା ଦିଆଯାଇଥିଲା । ଯୋଗ୍ୟ ବିବେଚିତ ଦିନଠାରୁ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପରିସରଭୁକ୍ତ କରିବା, ଅନୁଦାନ ପ୍ରଦାନ ଆଦି ମଞ୍ଚର ଦାବି ରହିଛି। ଏଥିରେ ଜିଲା ଆବାହକ ପ୍ରକାଶ ପାଣିଗ୍ରାହୀ, କୋରା ଶତପଥୀ, ସୁବ୍ରତ ସାହୁ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଅନୀତା ରଥ ପ୍ରମୁଖଙ୍କ ସମେତ ୯ଟି ହାଇସ୍କୁଲ ଏବଂ ମହାନାଦପୁରସ୍ଥିତ ଲକ୍ଷ୍ମୀ ନୃସିଂହ କଲେଜ ଓ ଛତ୍ରପୁର ମହିଳା କଲେଜର ଶିକ୍ଷକ ଓ କର୍ମଚାରୀ ସାମିଲ ଥିଲେ । **ଆସିକା:** ଆସିକାରେ ମିଳିତ, ଶିକ୍ଷକ କର୍ମଚାରୀମାନେ ଆସିକା ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି। ଧାରଣା ୧୫ ତାରିଖ ଯାଏଁ ଚାଲୁ ରହିବ ବୋଲି ସଂଘର ଜିଲା ସଭାପତି ବିଭୂ ପ୍ରସାଦ ପଣ୍ଡା କହିଛନ୍ତି। ଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ଲାଗି ରହିଥିବା ଏହି ଆନ୍ଦୋଳନ ଫଳରେ ବ୍ଲକ ଗ୍ରାଣ୍ଟ ସ୍କୁଲ କଲେଜ ଗୁଡିକରେ ତାଲା ଝୁଲୁଛି ।

**ସୋରଡ଼ା:** ସୋରଡ଼ା ବ୍ଲକ ପରିସରରେ ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧଧକ୍ଷ ଅନିଲ କୁମାର ଦାଶ, ପିସିଏମ ଉଚ୍ଚ ମାଦ୍ୟମିକ ବିଦ୍ୟାଳୟ ଅଧକ୍ଷା ସଂଯୁକ୍ତା ପଣ୍ଡାଙ୍କ ସମେତ ବହୁ ଶିକ୍ଷକ ଅଧାପକ ଧାରଣାରେ ବସିବା ସହ ବିଡିଓ ସୀମାଞ୍ଚଳ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**ଧରାକୋଟ:** ଧରାକୋଟରେ ସୋମନାଥ ବିଜ୍ଞାନ କଲେଜ ଅଧକ୍ଷ ବିଗାମ୍ବର ବିଶୋୟୀଙ୍କ ନେତୃତ୍ୱରେ ବ୍ଲକ ଗ୍ରାଣ୍ଟ ଅଧାପକ, ଶିକ୍ଷକ ଓ କର୍ମଚାରୀମାନେ ଏକ ରାଲି କରିବା ସହ ବ୍ଲକ ପରିସରରେ ଧାରଣା ଦେଇଥିଲେ। ଏଥିରେ ସିପିଆଇ ଆଞ୍ଚଳିକ ସମ୍ପାଦକ ବିଦେଶୀ ନାହାକ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ବ୍ଲକର ସମସ୍ତ ୮ ଉଚ୍ଚ ବିଦ୍ୟାଳୟ ଓ ୨ କଲେଜର ଶିକ୍ଷକ, କର୍ମଚାରୀ ଧାରଣା ଦେଇଥିଲେ।



ଆର୍.ଉଦୟଗିରି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଆର.ଉଦୟଗିରି:** ବ୍ଲକର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ୭ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର.ଉଦୟଗିରି ବିଡିଓ ପ୍ରଦୀପ କୁମାର ନାୟକଙ୍କୁ ପ୍ରଦାନ କରାଯାଇଛି । ଏଥିରେ ଆର.ଉଦୟଗିରି ମହେନ୍ଦ୍ର ତନୟା କଲେଜ, ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ହାଇସ୍କୁଲ, ରଣ୍ଡିବା ହାଇସ୍କୁଲ ଏବଂ ରାମଗିରି କଲେଜର ସମସ୍ତ ଅଧାପକ, ଶିକ୍ଷକ ଓ କର୍ମଚାରୀ ପ୍ରମୁଖ ସାମିଲ ଥିଲେ।

**ଖଲ୍ଲିକୋଟ:** ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ଧାରଣା ବସିଛନ୍ତି। ଏଥିରେ ବ୍ଲକ ସମ୍ପାଦକ ଶିଶିର କୁମାରା ନାଏକ, କନ୍‌ଭେନର ଜୀବନବନ୍ଧୁ ସ୍ୱାଇଁ, ଜିଲା ଉପସଭାପତି ଭିକାରୀ ଗୌଡ଼ଙ୍କ ପ୍ରମୁଖ ସାମିଲ ଥିଲେ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁରରେ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଡିଓ ମଧୁସୂଦନ ମହାରଣାଙ୍କୁ ପ୍ରଦାନ କରିଥିଲେ। ଏଥିରେ ସଭାପତି ବିଶ୍ୱନାଥପରିଡ଼ା, ସମ୍ପାଦକ ନୀଳାମ୍ବର ପଟ୍ଟନାୟକ, ବଟକୃଷ୍ଣ ଦାଶଙ୍କ ସହ ୧୦ଟି ହାଇସ୍କୁଲ, ୨ଟି ଏମ୍‌ଇ ସ୍କୁଲର ଶିକ୍ଷକ ଓ କର୍ମୀମାନେ ଯୋଗ ଦେଇଥିଲେ।

**ଜି.ଉଦୟଗିରି:** ଜି.ଉଦୟଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ମିଳିତ ମଞ୍ଚ ଷ୍ଟିୟରିଂ କମିଟି ସଭ୍ୟ ମାନସ ରଞ୍ଜନ ରାଉତ, ଜିତେନ୍ଦ୍ର କୁମାର ସାମଲ, ଚତୁର୍ଭୁଜ ସାହୁଙ୍କ ତତ୍ତ୍ୱାବଧାନରେ ୭୮ ଜଣ ଶିକ୍ଷକ, ଅଧାପକ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

**କ.ନୂଆଗାଁ:** କ.ନୂଆଗାଁ ବ୍ଲକ ସମ୍ମୁଖରେ ୬ ଉଚ୍ଚ ବିଦ୍ୟାଳୟ, ୧ ଇଂଲିଶ ଓ ଗୋଟିଏ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଧାରଣା ଦେବା ସହ ବ୍ଲକ ସଭାପତିଙ୍କ ଅଧିରାଜ ମୋହନ ପଣ୍ଡାଙ୍କ ନେତୃତ୍ୟରେ ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।




# ଗୁଣି ସନ୍ଦେହରେ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ



ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ ଅଧିକାରୀ ।

ଚନ୍ଦ୍ରଗିରି,୧୧।୯(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ଥାନା ଚାନ୍ଦିପୁଟ ପଞ୍ଚାୟତ ଡମ୍ବଗୁଡା ଗ୍ରାମର ମିଖାଏଲ୍ ପ୍ରଧାନ (୪୦)ଙ୍କୁ ଗତ ଶୁକ୍ରବାର ସନ୍ଧ୍ୟାରେ ଗୋଡାଇ ଗୋଡାଇ ହାଣି ହତ୍ୟା କରାଯାଇଥିଲା। ମିଖାଏଲ୍‌ଙ୍କ ବାପା ଏନେଇ ମୋହନା ଥାନାରେ ଏତଲା ଦେବାପରେ ପୋଲିସ ନଂ.୧୦୩/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ଘଟଣାରେ ସମ୍ପୃକ୍ତ ମାର୍ଶିଏଲ୍ ପରିଚ୍ଛାଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ କଟୁରି ଓ ରକ୍ତଭିଜା ଗାମୁଛା ଓ ଗଞ୍ଜି ଜବତ ହୋଇଛି।

ପ୍ରକାଶ ଯେ, ପ୍ରାୟ ୬ମାସ ତଳେ ମାର୍ଶିଏଲ୍‌ଙ୍କ ପୁଅକୁ କୁକୁର କାମୁଡିଥିଲା। ସେ ମେଡିକାଲ ନ ନେଇ ଘରୋଇ ଚିକିତ୍ସା କରିଥିଲେ। ଫଳରେ କିଛିଦିନ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମାତ୍ର ମାର୍ଶିଏଲ୍ ମିଖାଏଲ୍‌ଙ୍କ ବାପା ଗୁଣି କରି ତାଙ୍କ ପୁଅକୁ ମାରି ଦେଇଥିବା ସନ୍ଦେହ କରିଥିଲେ। ଏନେଇ ମିଖାଏଲ୍‌ଙ୍କୁ ମଧ୍ୟ ପ୍ରତିଶୋଧ ନେବାକୁ ଧମକ ଦେଇଥିଲେ। ଗତ ୭ ତାରିଖରେ ମିଖାଏଲ୍ ବାଲିପଙ୍କ ଗ୍ରାମରୁ ଭଲିବଲ ଖେଳି ଗାଁକୁ ଫେରୁଥିବାବେଳେ ରାସ୍ତାରେ ଛକି ରହିଥିବା ମାର୍ଶିଏଲ୍ ତାଙ୍କୁ ହାଣି ହତ୍ୟା କରିଥିଲେ। ପରେ ସେ ଶଶୁର ଘରକୁ ଚାଲିଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

# କଂସାରି ସମାଜ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ପାତ୍ରପୁର,୧୧।୯(ଡି.ଏନ୍.ଏ.)

ବିଶ୍ୱକର୍ମା ପୂଜା ପାଇଁ କଂସାରି ସମାଜ ପକ୍ଷରୁ ସାହିରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସମାଜ ମଧ୍ୟରେ ଏକତା ରଖିବା ଏବଂ ସାମାଜିକ କାର୍ଯ୍ୟକଳାପରେ ସମସ୍ତେ ଲିପ୍ତ ରହିବା ପାଇଁ ଏହା ଏକ ପ୍ରୟାସ ବୋଲି ସମାଜର ବରିଷ୍ଠ ନେତୃବୃନ୍ଦ କହିଛନ୍ତି। କାର୍ଯ୍ୟକ୍ରମରେ ସମାଜର ସଭାପତି ବାଉରୀ ବନ୍ଧୁ ସାହୁ, ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ରବୀନ୍ଦ୍ର ସାହୁ ଓ ଅଜୟ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ